୬

## ୯୩ ରନରେ ନାମିବିଆକୁ ପରାସ୍ତ କଲା ଭାରତ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୬ ● ୧୩ ଫେବୃଆରୀ ୨୦୨୬, ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-16 ● 13th February 2026, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ମୁଖ୍ୟ ଶାସନ ସଚିବଙ୍କ ସହ କେନ୍ଦ୍ର ସମବାୟ ସଚିବଙ୍କ ବୈଠକ

## ସମବାୟ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୧୨।୨

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ସମବାୟ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସମବାୟ ମନ୍ତ୍ରଣାଳୟର ସଚିବ ଆଶିଷ କୁମାର ଭୂଟାନୀ, ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ ଏବଂ ନିର୍ଦ୍ଦେଶକ ମୁକେଶ କୁମାରଙ୍କ ସହ ଓଡ଼ିଶା ଗସ୍ତ କରି ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସମବାୟ ବିକାଶ କମିଟି (ଏସସିଡିସି) ର ଚତୁର୍ଥ ବୈଠକରେ ଯୋଗ ଦେଇଥିଲେ ।

ବୈଠକରେ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଏବଂ ସମବାୟ ସମିତି ନିବନ୍ଧକ(ଆରସିଏସ) କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିବା ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା । ରାଜ୍ୟବ୍ୟାପୀ ନୂତନ ପାକ୍ସ, ବହୁମୁଖୀ ସେବା ସମବାୟ ସମିତି(ଲାମ୍ପ)ଗୁଡିକର ଶୀଘ୍ର କାର୍ଯ୍ୟକାରିତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ଯୋଜନା ଅଧୀନରେ ପାକ୍ସରେ ଗୋଦାମ ଗୃହ ନିର୍ମାଣ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପାକ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ-ଔଷଧି କେନ୍ଦ୍ର ଏବଂ ସାଧାରଣ ସେବା କେନ୍ଦ୍ର (କମନ ସର୍ଭିସ୍ ସେଣ୍ଟର) ର ପ୍ରତିଷ୍ଠା, ପାକ୍ସ, ଲାମ୍ପଗୁଡ଼ିକୁ ବହୁମୁଖୀ ଓ ଏକକ ସେବା କେନ୍ଦ୍ରରେ ପରିଣତ କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

ରାଜ୍ୟସ୍ତରରେ ସମବାୟ ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରମୁଖ ରୂପାନ୍ତରଣ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା । ଭିତ୍ତିଭୂମି ବିକାଶ ପାଇଁ ପାକ୍ସ, ଲାମ୍ପସ୍ ଗୁଡ଼ିକୁ ଅତିକମରେ ଏକ ଏକର ସରକାରୀ ଜମି ପ୍ରଦାନ, ପାକ୍ସ ଓ ଲାମ୍ପ ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ର (ପିପିସି)ର (ପୃଷ୍ଠା ୭ରେ)

## ୧୨ ଘଣ୍ଟିଆ ଭାରତ ବନ୍ଦ : ଶିଳ୍ପାଞ୍ଚଳ ପ୍ରଭାବିତ, ମାଲପରିବହନ ବାଧାପ୍ରାପ୍ତ



ଭୁବନେଶ୍ୱର, ୧୨।୨

ନ୍ୟୁଜ୍ ବ୍ୟୁରୋ

୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ମାନଙ୍କ ପକ୍ଷରୁ ଡାକରା ଦିଆଯାଇଥିବା 'ଭାରତ ବନ୍ଦ'ର ପ୍ରଭାବ ଗୁରୁବାର ଓଡ଼ିଶାର ଅନେକ ଶିଳ୍ପାଞ୍ଚଳ ଓ ଅଳ୍ପକେତେକ ସହରାଞ୍ଚଳରେ ଅନୁଭୂତ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସଂପୂର୍ଣ୍ଣ ଭାବେ ବନ୍ଦ ରହିଥିବା ବେଳେ ସହରାଞ୍ଚଳରେ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ଓ ପେଟ୍ରୋଲ ପମ୍ପ ଗୁଡିକ ମଧ୍ୟ ବନ୍ଦ ରହିଥିଲା । ବ୍ୟାଙ୍କ, ବିମାନ ବନ୍ଦର ଓ ରେଳ ଷ୍ଟେସନ ସମ୍ମୁଖରେ ବିକ୍ଷୋଭକାରୀମାନେ ପିକେଟିଂ କରିଥିଲେ । ତେବେ ସୁରକ୍ଷା ଦୃଷ୍ଟିରୁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୂର୍ବାହ୍ନ ୯ଟା ୩୦ ପୂର୍ବରୁ ସରକାରୀ କର୍ମଚାରୀ ଓ ଅଫିସରମାନେ ଲୋକସେବା ଭବନ ଓ ବିଧାନସଭା ସମେତ ବିଭିନ୍ନ ସରକାରୀ ଦପ୍ତରରେ ପ୍ରବେଶ କରି କାମରେ ଯୋଗଦେଇଥିଲେ । (ପୃଷ୍ଠା ୭ରେ)

## ଜମି ପଟ୍ଟାରେ ରହିବ କ୍ୟୁଆର କୋଡ୍ : କିଣାବିକାରେ ହୋଇପାରିବନି ଠକେଇ

ଭୁବନେଶ୍ୱର, ୧୨।୨

ନ୍ୟୁଜ୍ ବ୍ୟୁରୋ

କମିବ ଜମି କିଣାବିକା ଠକେଇ । ମାଲିକାନାରେ ଆସିବ ସ୍ୱଚ୍ଛତା । ଏଣିକି ଜମି ପଟ୍ଟାରେ ରହିବ ଇଲୋକ୍ଟ୍ରୋନିକ୍ ଯୁକ୍ତ କ୍ୟୁଆର କୋଡ୍ । ସ୍କାନ୍ କଲେ ବାହାରିବ ଜମି ମାଲିକଙ୍କ ସମ୍ପୂର୍ଣ୍ଣ ତଥ୍ୟ । ଜାଲିଆତି କଲେ ତହସିଲଦାର ଏବଂ ଆରଆଇଙ୍କ ପାଖକୁ ସିଧା ମେସେଜ୍ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।



ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ନୂଆ ଜମି ପଟ୍ଟା ଆସିବ । ଜମି ପଟ୍ଟାରେ ଇଲୋକ୍ଟ୍ରୋନିକ୍ସ ଯୁକ୍ତ କ୍ୟୁଆର କୋର୍ଡ ରହିବ । ପଟ୍ଟାରେ ଥିବା କ୍ୟୁଆର କୋର୍ଡ ରେ ସ୍କାନ କଲେ ସମ୍ପୂର୍ଣ୍ଣ ତଥ୍ୟ ବାହାରିବ । ଠକମାନେ ଲୋକଙ୍କୁ ଭୁଲାଇ ଜମି କିଣା ବିକା କରିପାରିବେନି । ଠକାମୀ ଉପାୟରେ ଜମି କିଣା ବିକା କଲେ ସଙ୍ଗେ ସଙ୍ଗେ ତହସିଲଦାର ଓ ଆରଆଇଙ୍କ ପାଖକୁ ଖବର ଯିବ ।

## ସଂସଦ ଭବନ ପରିସରରେ ବିରୋଧୀ ସାଂସଦଙ୍କ ପ୍ରତିବାଦ

ନୂଆଦିଲ୍ଲୀ, ୧୨।୨

ବଜେଟ ଅଧିବେଶନର ୧୨ତମ ଦିନରେ ଗୁରୁବାର କଂଗ୍ରେସ ଏବଂ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ସଂସଦ ଭବନ ପରିସରରେ ମକର ଦ୍ୱାର ବାହାରେ ବିରୋଧ ପ୍ରଦର୍ଶନ କରିଥିଲେ । ବିରୋଧୀ ସାଂସଦମାନେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ବିରୋଧରେ ସ୍ଲୋଗାନ ଦେଇଥିଲେ, ଲୋକସଭା ବାଚସ୍ପତିଙ୍କ ଚାମ୍ବରରେ ବିରୋଧୀ ସାଂସଦଙ୍କ ବିରୋଧରେ ଅଶାଳୀନତାର ଅଭିଯୋଗ ଆଣିଥିଲେ ଏବଂ ଅନ୍ୟାନ୍ୟ ଅନେକ ପ୍ରସଙ୍ଗକୁ ନେଇ ନାରାବାଜି କରିଥିଲେ । (ପୃଷ୍ଠା ୭ରେ)

## ରତ୍ନଭଣ୍ଡାର ପ୍ରସଙ୍ଗ : ୩ ମାସରେ ଗଣତି ମଣତି ସାରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୨।୨ : ନ୍ୟୁଜ୍ ବ୍ୟୁରୋ

ରତ୍ନଭଣ୍ଡାର ଗଣତି ମଣତି ପ୍ରସଙ୍ଗରେ ବଡ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଆସନ୍ତା ୩ ମାସ ମଧ୍ୟରେ ଗଣତି ମଣତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ରିପୋର୍ଟ ନେଇ ହାଇକୋର୍ଟ ଗୁରୁବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଆସନ୍ତା ବିଧାନସଭା ଅଧିବେଶନରେ ରିପୋର୍ଟ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚ ନ୍ୟାୟାଳୟ । ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ରିପୋର୍ଟ (ପୃଷ୍ଠା ୭ରେ)

## ରାଜ୍ୟରେ ଶିଳ୍ପାୟନକୁ ନୂଆ ଗତି: ୩୧ଟି ବୃହତ ପ୍ରକଳ୍ପକୁ ଜମି ଆବଣ୍ଟନ ପାଇଁ ମଞ୍ଜୁରୀ



ଭୁବନେଶ୍ୱର, ୧୨।୨ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ତ୍ୱରାନ୍ୱିତ କରିବା ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଇଡ୍କୋ ଅଧ୍ୟକ୍ଷା ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ଦୀର୍ଘ ଦିନରୁ ଅଟକି ରହିଥିବା ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଆବଣ୍ଟନକୁ ଅନୁମୋଦନ କରାଯାଇଛି । ଭୁବନେଶ୍ୱରସ୍ଥିତ ଇଡ୍କୋ ଟାୱାରରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତ୍ତି ରାଜ୍ୟରେ ବିପୁଳ ପୁଞ୍ଜିନିବେଶର ବାଟ ଫିଟିବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଅଂଶ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ହୋଇଥିବା ବେଳେ ଏଥିରେ ପୋଷାକ ଓ ବୟନ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି ବିଭିନ୍ନ ଉଦୀୟମାନ କ୍ଷେତ୍ରର ପ୍ରସ୍ତାବ ସାମିଲ ରହିଛି । ବିଶେଷ ଭାବରେ, ରାଜ୍ୟର ସନ୍ତୁଳିତ ବିକାଶକୁ ଗୁରୁତ୍ୱ ଦେଇ କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣ-ଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକରେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ସମସ୍ତ ଅଞ୍ଚଳରେ ଶିଳ୍ପାୟନର ସୁଫଳ ପହଞ୍ଚାଇବା ପାଇଁ ସରକାର ଏହି ସମନ୍ୱିତ (ପୃଷ୍ଠା ୭ରେ)

### ଆଜିର ମୁଖ୍ୟ ଖବର

- କେନ୍ଦ୍ର ସରକାରଙ୍କ ନୂତନ ନୀତି ଘୋଷଣା ।
- ଦେଶବ୍ୟାପୀ ଅର୍ଥନୈତିକ ବିକାଶ ଉପରେ ଆଲୋଚନା ।
- ସୁରକ୍ଷା ବ୍ୟବସ୍ଥା ମଜଭୁତ କରିବା ପଦକ୍ଷେପ ।
- ଶିକ୍ଷା ସୁଧାର ପାଇଁ ନୂତନ ଯୋଜନା ।
- କୃଷି ଉତ୍ପାଦନ ବୃଦ୍ଧି ଉଦ୍ୟମ ।
- ଖେଳକୁଦରେ ଭାରତୀୟ ଖେଳାଳିଙ୍କ ସଫଳତା ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୫,୮୪୦ (-୧୨୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୪,୫୨୦ (-୧୧୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ ୧୧,୮୮୦ (-୯୦)

### ରୁପା ଦର

ରୂପା – ପ୍ରତି ଗ୍ରାମ୍ ୩୦୦ (+୦)

## ପ୍ରକାଶ ପାଇଲା ଓଟିଇଟି ପାସ୍ ହାର ୬୮.୯୭%

ଭୁବନେଶ୍ୱର, ୧୨।୨

ନ୍ୟୁଜ୍ ବ୍ୟୁରୋ

ପ୍ରକାଶ ପାଇଛି ଓଡିଶା ଟିଚର ଇଲିଜିବିଲଟି ଟେଷ୍ଟ ବା ଓଟିଇଟି-୨୦୨୫ ରେଜଲ୍ଟ । ଚଳିତ ଥର ପାସ୍ ହାର ୬୮.୯୭ ପ୍ରତିଶତ ରହିଛି । ପେପର-୧ ଓ ପେପର-୨ରେ ମୋଟ୍ ୧ ଲକ୍ଷ ୬ ହଜାର ୪୧ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨୦୨୫ ଡିସେମ୍ବର ୨୫ ତାରିଖରେ ଅନୁଷ୍ଠିତ ଓଟିଇଟି ପରୀକ୍ଷା ପାଇଁ ମୋଟ (ପୃଷ୍ଠା ୭ରେ)

## ଔଦ୍ୟୋଗିକ ସମ୍ବନ୍ଧ ସଂହିତା(ସଂଶୋଧନ) ବିଧେୟକ, ୨୦୨୬ ଲୋକସଭାରେ ପାରିତ

ନୂଆଦିଲ୍ଲୀ, ୧୨।୨

ଗୁରୁବାର ଲୋକସଭାରେ ଔଦ୍ୟୋଗିକ ସମ୍ବନ୍ଧ ସଂହିତା(ସଂଶୋଧନ) ବିଧେୟକ, ୨୦୨୬ ପାରିତ ହୋଇଛି । ଯାହାର ଉଦ୍ଦେଶ୍ୟ ଇଣ୍ଡଷ୍ଟ୍ରିୟଲ ରିଲେସନ କୋଡ୍, ୨୦୨୦ରେ ପରିବର୍ତ୍ତନ କରିବା । କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ, ଡା. ମନସୁଖ ମାଣ୍ଡଭିୟ ଏହାପୂର୍ବରୁ ଗୃହରେ ଗୁରୁବାର ଏହି ବିଧେୟକକୁ ବିଚାର ଏବଂ ପାରିତ କରିବା ପାଇଁ ଆଗତ କରିଥିଲେ । କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ଲୋକସଭାରେ ଔଦ୍ୟୋଗିକ ସମ୍ବନ୍ଧ ସଂହିତା ବିଧେୟକ ୨୦୨୬ରେ ହୋଇଥିବା ଚର୍ଚ୍ଚାର ଜବାବ ଦେଇ କହିଛନ୍ତି ଯେ ପ୍ରଥମେ ଖାଦାନରେ କାମ କରୁଥିବା ବା ସ୍ୱେରେଜ ସଫା କରୁଥିବା ଶ୍ରମିକଙ୍କ (ପୃଷ୍ଠା ୭ରେ)

## ସିନେମା ହଲ୍‌ରେ ଜାତୀୟ ସଙ୍ଗୀତ ଗାନ ବାଧ୍ୟତାମୂଳକ ହେଉ





ଭୁବନେଶ୍ୱର, ୧୨।୨ : ନ୍ୟୁଜ୍ ବ୍ୟୁରୋ

'ଜନ ଗଣ ମନ ଅଧି...ଜାତୀୟ ସଙ୍ଗୀତ ଗାନକୁ ବାଧ୍ୟତାମୂଳକ କରାଯାଉ । ଓଡ଼ିଶା ସରକାର ଏଥିପାଇଁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରୀ କରନ୍ତୁ । କାହିଁକି ନା ବହୁ ପୂର୍ବରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ଚଳଚ୍ଚିତ୍ର ପ୍ରେକ୍ଷାଳୟ (ସିନେମା ହଲ୍) ଗୁଡିକରେ ସିନେମା ପ୍ରଦର୍ଶନ ପୂର୍ବରୁ ପ୍ରଥମେ ଯେଉଁଭଳି ଭାବେ ଜାତୀୟ ସଙ୍ଗୀତ ବାଜୁଥିଲା ବା ପରିବେଷଣ ହେଉଥିଲା ତାହା ଏବେ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । କେଉଁ କାରଣ ପାଇଁ ଏବଂ କାହା ନିର୍ଦ୍ଦେଶରେ ସିନେମା ହଲ୍‌ଗୁଡିକରେ ଆଉ ଜାତୀୟ ସଙ୍ଗୀତ ବାଜୁ ନାହିଁ ସେ ସମ୍ପର୍କରେ କେହି ସ୍ପଷ୍ଟ ଉତ୍ତର ଦେଇ ପାରୁନାହାନ୍ତି । କେବଳ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ନୁହେଁ ମୁମ୍ବାଇ, ଦିଲ୍ଲୀ, କୋଲକାତା ଭଳି ମେଟ୍ରୋ ସହର ମାନଙ୍କରେ ଥିବା ସିନେମା ହଲ୍ ଏବଂ ମଲ୍ କମ୍ପ୍ଲେକ୍ସରେ ଥିବା ପ୍ରେକ୍ଷାଳୟରେ ବି ଆଉ ଜାତୀୟ ସଙ୍ଗୀତ ପରିବେଷଣ ହେଉ ନାହିଁ । ଏନେଇ ବୁଦ୍ଧିଜୀବୀ, ଦେଶପ୍ରେମୀ ତଥା ଜାତୀୟତାବାଦୀମାନଙ୍କ ମଧ୍ୟରେ ଘୋର ଉଦ୍‌ବେଗ ପ୍ରକାଶ ପାଇଛି ।

ପାର୍ଲାମେଣ୍ଟ ଏବଂ ବିଧାନସଭା ଅଧିବେଶନ ସମୟରେ ଏବଂ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ବିଶେଷ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ହେଉ କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମରେ ଆରମ୍ଭ ବେଳେ ପ୍ରଥମେ ଜାତୀୟ ସଙ୍ଗୀତ ପରିବେଷଣର ପ୍ରାବଧାନ ରହିଛି । ଏହାକୁ ଆଜିପର୍ଯ୍ୟନ୍ତ ପାଳନ କରାଯାଇ (ପୃଷ୍ଠା ୭ରେ)


ବ୍ୟାଙ୍କ ତରଫରୁ କେୱାଇସି ଅପ୍‌ଡେଟ୍ କରିବା ପାଇଁ ସତର୍କ ସୂଚନା ପାଇଛନ୍ତି କି?

ଚିନ୍ତା ନାହିଁ – କେୱାଇସି ଅପ୍‌ଡେଟ୍ କରି ରଖିଲେ ଅବାଧ ବ୍ୟାଙ୍କିଙ୍ଗ୍ ସେବା ସୁନିଶ୍ଚିତ ହୋଇଥାଏ ।



କେୱାଇସି ଅପ୍‌ଡେଟ୍ କରିବା ନୁଡଲ୍ସ ତିଆରି କରିବା ଭଳି ସହଜ!

କେମିତି?

ଯଦି 'କେୱାଇସିରେ କୌଣସି ପରିବର୍ତ୍ତନ ନାହିଁ' କିମ୍ବା 'କେବଳ ଠିକଣାରେ ପରିବର୍ତ୍ତନ ଦରକାର', ତେବେ ନିମ୍ନପ୍ରଦତ୍ତ ଯେକୌଣସି ଉପାୟରେ ସ୍ୱୟଂ-ଘୋଷଣା ଦାଖଲ କରନ୍ତୁ

- ପଞ୍ଜୀକୃତ ଇମେଲ୍ ଆଇଡି/ମୋବାଇଲ ନମ୍ବର
- ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍/ମୋବାଇଲ ବ୍ୟାଙ୍କିଙ୍ଗ୍
- ଏଟିଏମ୍
- ବ୍ୟାଙ୍କର ବିଜନେସ୍ କରେସ୍‌ପୋଣ୍ଡେଣ୍ଟସ୍ (ବିସି)
- ଚିଠି, ଇତ୍ୟାଦି

ନିମ୍ନ ମାଧ୍ୟମରେ କେୱାଇସି ବିବରଣୀରେ ଅନ୍ୟାନ୍ୟ ପରିବର୍ତ୍ତନଗୁଡ଼ିକୁ ଅପ୍‌ଡେଟ୍ କରନ୍ତୁ

- ଆଧାର ଓଟିପି ଆଧାରିତ ଇ-କେୱାଇସି
- ଭିଡିଓ କେୱାଇସି (ଯେଉଁଠି ପ୍ରଦତ୍ତ)

କିମ୍ବା

ବ୍ୟାଙ୍କ ଶାଖାରେ ଅପ୍‌ଡେଟେଡ୍ ଅଫିସିଆଲି ଭ୍ୟାଲିଡ୍ ଡକ୍ୟୁମେଣ୍ଟ (ଓଭିଡି)* ର ନକଲ ଦାଖଲ କରି

*ଓଭିଡି: ପାସ୍‌ପୋର୍ଟ/ଡ୍ରାଇଭିଂ ଲାଇସେନ୍ସ/ଭୋଟର ପରିଚୟପତ୍ର/ଆଧାର କାର୍ଡ/ ନରେଗା ଜବ୍ କାର୍ଡ/ରାଷ୍ଟ୍ରୀୟ ଜନଗଣନା ରେଜିଷ୍ଟର (ଏନ୍‌ପିଆର୍) ଦ୍ୱାରା ଜାରି ପତ୍ର

କେୱାଇସି ଏବେ ଦ୍ରୁତ ଓ ସରଳ

କେବଳ ବ୍ୟାଙ୍କ ଦ୍ୱାରା ଅଧିକୃତ ପଦ୍ଧତିରେ କେୱାଇସି ଅପ୍‌ଡେଟ୍ କରନ୍ତୁ ।

ଆପଣ ଜାଣନ୍ତି କି? ଗୋଟିଏ ବ୍ୟାଙ୍କରେ କେୱାଇସି ଅପ୍‌ଡେଟ୍ କରାଗଲେ, ସିକେୱାଇସିଆର୍ ଜରିଆରେ ତାହା ଆପଣଙ୍କର ଅନ୍ୟ ସମସ୍ତ ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନରେ ମଧ୍ୟ ଅପ୍‌ଡେଟ୍ ହୋଇଯାଇଥାଏ ।

ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ https://rbikehtahai.rbi.org.in ମତାମତ ପାଇଁ rbikehtahai@rbi.org.in ରେ ଲେଖନ୍ତୁ ।

ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନଂ. 99990 41935 / 99309 91935



ଜନହିତରେ ଜାରି

भारतीय रिज़र्व बैंक

RESERVE BANK OF INDIA

www.rbi.org.in

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଏପ୍‌ଷ୍ଟିନ କଳା କାରନାମାର ନୂଆ ଫାଇଲ

ନାବାଳିକା ଯୌନ ଅପରାଧୀ ଏପ୍‌ଷ୍ଟିନ୍‌ର କଳା କାରନାମାର ନୂଆ ଫାଇଲ ନିକଟରେ ଜାରି ହୋଇଛି । ଏଥିରେ ଜଣେ ମହିଳାଙ୍କ ନାଁ ରହିଛି, ଯିଏ ତା'ର ଶେଷ ସମୟରେ ତା' ସହ ଯୋଡ଼ିହୋଇ ରହିଥିଲେ । ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ଏପ୍‌ଷ୍ଟିନ ଏହି ମହିଳାଙ୍କୁ ଫୋନ୍ କରିଥିଲା । ତା'ର କଳା କାରନାମା ସାମ୍ନାକୁ ଆସିବା ପରେ ତା'ର ପ୍ରିୟ ଓ ସହଯୋଗୀମାନେ ତା'ଠୁ ଦୂରେଇ ଯାଇଥିଲେ । ଏକମାତ୍ର ସେହି ମହିଳା ହିଁ ତା' ସମ୍ପର୍କରେ ଥିଲେ । ୨୦୧୯ରେ ଜେଲ୍‌ରେ ଆତ୍ମହତ୍ୟା କରିବା ପୂର୍ବରୁ ଜଣେ ବେଲାରୁଷ୍ ଦନ୍ତଚିକିତ୍ସକଙ୍କୁ ଏପ୍‌ଷ୍ଟିନ ଶେଷ ଫୋନ୍ କଲ୍ କରିଥିଲା । ତାଙ୍କ ନାଁ କରିନା ଶୁଲୟାକ୍ । ୨୦୧୦ରେ ବେଲାରୁଷର ମିନସ୍କରେ ଶୁଲୟାକ୍‌ଙ୍କ ସହ ଏପ୍‌ଷ୍ଟିନ୍‌ର ପ୍ରଥମ ସାକ୍ଷାତ ହୋଇଥିଲା । ସେତେବେଳେ ତାଙ୍କ ବୟସ ୨୦ ବର୍ଷ ଥିଲା । ଜଣେ ଋଷୀୟ ମହିଳା ଉଭୟଙ୍କର ସାକ୍ଷାତ କରାଇଥିଲେ । ଫାଇଲ୍‌ରୁ ଜଣାପଡ଼େ, ଏପ୍‌ଷ୍ଟିନ୍ ଖୁବ୍‌ଶୀଘ୍ର ଶୁଲୟାକ୍‌ଙ୍କୁ ନିଜର ଘନିଷ୍ଠ ଲୋକଙ୍କ ମଧ୍ୟରେ ସାମିଲ କରିନେଲା । ପରେ ଶୁଲୟାକ୍‌ଙ୍କୁ ଆମେରିକା ଆଣିବାରେ ସାହାଯ୍ୟ କଲା । ଶୁଲୟାକ୍ ୨୦୧୨ରେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଡେଣ୍ଟାଲ କଲେଜରେ ନାମ ଲେଖାଇବାକୁ ଚାହୁଁଥିଲେ । ପ୍ରଥମେ ସେଠାରେ ତାଙ୍କର ନାମଲେଖା ହୋଇପାରି ନ ଥିଲା । ପରେ ଏପ୍‌ଷ୍ଟିନ ପ୍ରଭାବ ବଳରେ ସେ କଲେଜରେ ଭର୍ତ୍ତି ହେଲେ । ନ୍ୟାୟ ବିଭାଗର ଫାଇଲ ଅନୁସାରେ, ଏପ୍‌ଷ୍ଟିନ ଉକ୍ତ ଡେଣ୍ଟାଲ କଲେଜକୁ ୫୦ ଲକ୍ଷରୁ ୧୦୦ ଲକ୍ଷ ଡଲାର ଦାନ ଦେବାକୁ ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରତି କୃତଜ୍ଞ ହୋଇ ତତ୍କାଳୀନ ଡିନ୍ ଶୁଲୟାକ୍‌ଙ୍କୁ ବେଲାରୁଷ୍ ସ୍ଥିତ ତାଙ୍କର ପୁରୁଣା ମେଡିକାଲ ସ୍କୁଲ ସହ ବ୍ୟକ୍ତିଗତ ଭାବେ ସମ୍ପର୍କ କଲେ । ଶୁଲୟାକ୍ କଲମ୍ବିଆରେ ଦନ୍ତଚିକିତ୍ସା ଅଧ୍ୟୟନ ଲାଗି ବିଳମ୍ବରେ ଭର୍ତ୍ତି ହୋଇଥିବାରୁ ବିଶ୍ୱବିଦ୍ୟାଳୟର ଡେଣ୍ଟାଲ କେୟାର ବିଭାଗର ଅଧକ୍ଷ ତାଙ୍କୁ ପ୍ରବେଶ ପରୀକ୍ଷାର ରୂପରେଖ ଓ ଷ୍ଟଡି ଗାଇଡ୍ ପଠାଇଥିଲେ । ଭର୍ତ୍ତି ହେବା ପରେ ଏକାଡେମିକ୍ ଉପ ଡିନ୍ ଏକ ବ୍ୟକ୍ତିଗତ ଷ୍ଟଡି ପ୍ଲାନ୍ ଶୁଲୟାକ୍‌ଙ୍କ ପାଇଁ ପ୍ରସ୍ତୁତ କରିଥିଲେ । ବର୍ତ୍ତମାନ ୩୬ ବର୍ଷୀୟା ଶୁଲୟାକ୍ ଏବେ ନ୍ୟୁୟର୍କରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଜେଲ୍‌ରୁ ଏପ୍‌ଷ୍ଟିନ ଶେଷ ଫୋନ୍ କଲ୍ ତାଙ୍କୁ କରିଥିଲା । ସେ ନିଜ ଇଚ୍ଛାପତ୍ରରେ ୧୦୦ ନିୟୁତ ଡଲାର ଓ ନିଜର ୩୩ କ୍ୟାରେଟ୍‌ର ହୀରା ମୁଦି ଶୁଲୟାକ୍‌ଙ୍କ ନାଁରେ କରିଥିଲା । କଲମ୍ବିଆ ବିଶ୍ୱବିଦ୍ୟାଳୟରେ ତାଙ୍କର ଅଧ୍ୟୟନ ଓ ଅନ୍ୟ ଖର୍ଚ୍ଚ ମଧ୍ୟ ବହନ କରିଥିଲା । ଏପ୍‌ଷ୍ଟିନ ଟ୍ୟୁସନ୍ ଫି' ରୂପେ ଶୁଲୟାକ୍‌ଙ୍କ ପାଇଁ ୬୩୧,୦୦୦ ଡଲାର ଖର୍ଚ୍ଚ କରିଥିଲା । ଏପ୍‌ଷ୍ଟିନ ଫାଇଲ ରିପୋର୍ଟ ଅନୁସାରେ, ତା' ସମ୍ପତ୍ତିର ଜଣେ ପ୍ରମୁଖ ହିତାଧିକାରୀ ଥିଲେ ଶୁଲୟାକ୍ । ସେ ଏପ୍‌ଷ୍ଟିନର ପ୍ରେମିକା ଥିଲେ ଏବଂ ତା' ଜୀବନରେ ତାଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଥିଲା । ସେଥିପାଇଁ ୨୦୧୨ରେ ଏପ୍‌ଷ୍ଟିନ ଡେଣ୍ଟାଲ ହସ୍ପିଟାଲର ଡିନ୍ ଡା. ଇରା ବି. ଲାମ୍ପଷ୍ଟରଙ୍କ ଦ୍ୱାରା ସଂଚାଳିତ ଏକ ଜନସ୍ୱାସ୍ଥ୍ୟ ପ୍ରୋଜେକ୍ଟକୁ ୧୦୦,୦୦୦ ଡଲାର ଦାନ କରିଥିଲା । ୨୦୧୪ରେ ଡେଣ୍ଟାଲ କଲେଜର ବାର୍ଷିକ କୋଷକୁ ସେ ୫୦ ହଜାର ଡଲାର ଦାନ କରିଥିଲା ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୫)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଆକାଶରେ ଚନ୍ଦ୍ର ସୂର୍ଯ୍ୟ ଆତଯାତ ହେଉଥିବା ପର୍ଯ୍ୟନ୍ତ ଏ ଜାତି ତୁମର ଏ କଳ୍ପନାତୀତ ଅବଦାନ ନିକଟରେ ଚିରକୃତଜ୍ଞ ରହବ ।'' ବିଶରଙ୍କ ଆଖିରୁ ଝରିଯାଉଥିବା ଲୁହ ଛାତିରୁ ଉଠୁଥିବା କୋହରେ କଣ୍ଠ ତାଙ୍କର ବାଷ୍ପରୁଦ୍ଧ ହୋଇଯାଉଥାଏ, କଣ କହିବେ, କି ପ୍ରକାର ଉତ୍ତର ବି ଦେବେ ପଦ୍ମନାଭ ପଟ୍ଟନାୟକଙ୍କୁ, ପୁଣି ତାଙ୍କ ନିକଟରେ ଦଣ୍ଡାୟମାନ କୁଜଙ୍ଗଗଡର ମହାରାଜା ଗୋପୀନାଥ ନରେନ୍ଦ୍ର । ବଡ ବିକଳ ଦେଖାଯାଉଥାନ୍ତି । ଯାହାଙ୍କର ଅତୁଳନୀୟ ତ୍ୟାଗ, ନିଷ୍ଠା ଭକ୍ତି ଓ ସମର୍ପିତ ଚେତନାରେ ମହାପ୍ରଭୁଙ୍କର ଅସ୍ଥାୟୀ ମନ୍ଦିର ନିର୍ମାଣ କରି ମହାପ୍ରଭୁଙ୍କ ସେବା ପୂଜାରେ ନିଜକୁ ହଜାଇ ଦେଇଛନ୍ତି । ମହାରାଣୀ ମୁକ୍ତାମାଳା ଏହି ଘଟଣା ଶୁଣିବା ପରେ ତାଙ୍କର ଅବସ୍ଥା କେଉଁ ଆଡକୁ ଗତି କରି ଯିବଣି, ସେ କଥା ଭାବିଲା ବେଳକୁ ବିଶର ମହାନ୍ତିଙ୍କ ଗୋଡ ଦୁଇଟା ପାତାଳକୁ ଖସି ଯିବା ଭଳି ଲାଗୁଥାଏ । ଏ କଥା ଶୁଣି କଳ୍ପନାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଆଜକୁ ତିନିଦିନ ଧରି ଯେ ଜ୍ୱରରେ ଥରୁଛି । ବିଛଣାରୁ ଉଠି ପାରୁନି, ଯେତେ ଔଷଧ ଖାଇଲେ ବି ଜ୍ୱର ଛାଡୁନାହିଁ କଳ୍ପନା ଦେହରୁ । ଦିନକୁ ଦିନ ତା'ର ଶାରିରୀକ ଯନ୍ତ୍ରଣା ଅତି ଭୟଙ୍କର ଅବସ୍ଥାରେ ପହଞ୍ଚି ଯାଇଛି । ଯାହା ଲାଗୁଛି, ମହାପ୍ରଭୁ ଆସନ୍ତାକାଲି କୁଜଙ୍ଗ ରାଜ୍ୟ ଛାଡିବା ପୂର୍ବରୁ ତା ପ୍ରାଣବାୟୁ ଉଡିଯାଇଥିବ । ଆସନ୍ତାକାଲି ପ୍ରତ୍ୟୁଷରୁ ମହାବାହୁ ପୁରୀ ଅଭିମୁଖେ ଯାତ୍ରା କରୁଛନ୍ତି ବୋଲି କୁଜଙ୍ଗ ପ୍ରଜା ଜାଣି ସାରିବା ପରେ ଅଧିକାଂଶ ପ୍ରଜାଙ୍କ ଆଖିରୁ ଲୁହ ଶୁଖୁନି । ଅଧିକାଂଶ ପାଗଳ ଭଳି ବିଳାପ କରୁଛନ୍ତି । ଏହି କଥା ଚିନ୍ତା କରି କରି ବିଚଳିତ ହୋଇପଡିଲେଣି ବିଶର ମହାନ୍ତି। ଏହିପରି ବିଶର ମହାନ୍ତି ଚିନ୍ତା କରି ଚାଲିଥିବା ବେଳେ ପଦ୍ମନାଭ ପଟ୍ଟନାୟକଙ୍କୁ ସାଥିରେ ଧରି ମହାରାଜ ଗୋପୀନାଥ ନରେନ୍ଦ୍ରଙ୍କ ରାଜପ୍ରସାଦ ଅଭିମୁଖେ ଚାଲିଗଲେଣି । ରାଜା ବି ଭାବିଲେଣି ରାଣୀ ମୁକ୍ତାମାଳାଙ୍କୁ ଏହି ଘଟଣାକ୍ରମରେ କେଉଁ ଶାନ୍ତ୍ୱନା ବାଣୀ ଶୁଣାଇବେ । ରାଜା ସମସ୍ତଙ୍କୁ ବୁଝାଇ ପାରିବେ କିନ୍ତୁ ମହାରାଣୀ ମୁକ୍ତାମାଳାଙ୍କୁ ବୁଝାଇବା ତାଙ୍କ ପକ୍ଷରେ କେବେ ବି ସମ୍ଭବ ନୁହେଁ ।



ପଦ୍ମନାଭ ପଟ୍ଟନାୟକ ରାଜପ୍ରାସାଦରେ ଏତେ ବୁଝାଇବା ପରେ ନିଜେ ଯେଉଁଠି ବୁଝିପାରୁନାହାନ୍ତି, ସେଠାରେ ମହାରାଣୀ ମୁକ୍ତାମାଳାଙ୍କୁ କିପରି ବୁଝାଇବେ ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯଦି ପୁରୀ ଶ୍ରୀ ମନ୍ଦିରରେ ବିରାଜମାନ ନ କରନ୍ତି ତେବେ ବିଶ୍ୱରେ ମହାପ୍ରଭୁଙ୍କର ପତିତପାବନ ନାମ ବିଖ୍ୟାତ ବୋଲି ଯାହା ଚର୍ଚ୍ଚିତ ହେଉଛି, ସେଥିରେ ବାଧା ସୃଷ୍ଟି ହେବ । ତେଣୁ ଏହିପରି କହି ମହାରାଣୀଙ୍କୁ ବୁଝେଇ ପାରିବେ ତ ? ନା, ଏଥିରେ ସେ ବୁଝିବେ ନାହିଁ । ଆଉ ଗୋଟିଏ କଥା ତାଙ୍କ ମନକୁ ଆସୁଛି ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ପୁଣ୍ୟକଥା। ଯିଏ ମହାପ୍ରଭୁଙ୍କୁ ବର ମାଗି କହିଥିଲେ ହେ ପ୍ରଭୁ ! ଯଦି ମୋତେ ବର ଦେବା ପାଇଁ ଚାହୁଁଛ ତେବେ ଏହି ବର ଦିଅ ପ୍ରଭୁ ମୋ ବଂଶରେ ଯେପରି କେହି ନ ରହନ୍ତୁ, ଯିଏ କି ଭବିଷ୍ୟତରେ ଏ ମନ୍ଦିର ଆମ ବଂଶଧର କରିଛନ୍ତି ବୋଲି ସମାଜରେ ଦାବି କରିପାରିବ ନାହିଁ। ଶେଷରେ ପ୍ରଭୁ ତଥାସ୍ତୁ ବୋଲି କହିଥିଲେ । ଏହି ପୁଣ୍ୟ ପୁରୁଷ ଇନ୍ଦ୍ରଦ୍ୟୁମ୍ନଙ୍କ କଥା କହି ମହାରାଣୀଙ୍କର ଶୋକାକୁଳ ପ୍ରାଣକୁ ପ୍ରଶମିତ କରିବେ ବୋଲି ମନସ୍ଥ କରି ଆସି ରାଜ ପ୍ରସାଦରେ ଅତିଥି ପଦ୍ମନାଭ ପଟ୍ଟନାୟକଙ୍କୁ ଅତିଥି ଭବନରେ ବିଶ୍ରାମ କରାଇ ମହାରାଣୀଙ୍କ ନିକଟରେ ପହଞ୍ଚିଲେ । ଦିନ ଦ୍ୱିପ୍ରହରରୁ ଅଧିକ ହୋଇଗଲାଣି। ସମସ୍ତେ ଉପବାସରେ ବସିଛନ୍ତି। କେହି ବି ଜଳ ଗ୍ରହଣ କରିନାହାନ୍ତି । କାରଣ ରାଜ ପ୍ରସାଦରେ ରାଜା ନଥିଲେ କେହି ଖାଦ୍ୟର ଗ୍ରହଣ କରନ୍ତି ନାହିଁ । ସମସ୍ତ ଦାସ, ଦାସୀ, ପାତ୍ର, ମନ୍ତ୍ରୀ, କଟୁଆଳ, ଅତିଥି ଭୋଜନ ନ କରିବା ପର୍ଯ୍ୟନ୍ତ ମହାରାଜା, ମହାରାଣୀ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଏହା କୁଜଙ୍ଗ ରାଜାଙ୍କର ଅଭ୍ୟାସରେ ପରିଣତ ହୋଇଯାଉଛି । ଏହି ଅଭ୍ୟାସଟି ବିଶର ମହାନ୍ତି ରାଜ ପରିବାରଙ୍କୁ ଅନେକ ଦିନରୁ ଶିଖାଇ ଦେଇଛନ୍ତି । ରାଜ ପ୍ରସାଦରେ ରାଜା ପାଦ ପକାଇବା ପରେ ସମସ୍ତ ରାଜା, ରାଣୀ, ଦାସୀ ଓ ରାଜ କର୍ମଚାରୀ ଖାଇବାକୁ ଗଲେ । ରାଜାଙ୍କ ନିର୍ଦ୍ଦେଶରେ ପଦ୍ମନାଭ ପଟ୍ଟନାୟକ ଏବଂ ତାଙ୍କ ସାଥିରେ ଆସିଥିବା ସମସ୍ତ ସୈନିକ ଓ ରାଜ କର୍ମଚାରୀଙ୍କ ନିକଟକୁ ଖାଦ୍ୟ ପଠାଗଲା । ଶେଷରେ ଯେତେବେଳେ ମହାରାଣୀ ମୁକ୍ତାମାଳାଙ୍କ ନିକଟରେ ପହଞ୍ଚିଲେ, ସେତେବେଳକୁ ରାଜାଙ୍କ ଆଖିରେ ଲୁହଭରି ଯାଇଥିଲା । କଣ କହିବେ ମହାରାଣୀଙ୍କୁ । ମହାରାଣୀ ବି ମହାରାଜାଙ୍କ ଏପରି ବିକଳ ଅବସ୍ଥାକୁ ଦେଖି ପଚାରିଲେ "ମହାରାଜା ! ତୁମେ ଏପରି କାନ୍ଦୁଛ କାହିଁକି ? ଆଖିରୁ ଲୁହ ଝରୁଛି କାହିଁକି ? କିଛି ଅଘଟଣ ଘଟିଛି କି ? ଧୈର୍ଯ୍ୟର ସମସ୍ତ ସରହଦକୁ ଅତିକ୍ରମ କରି ଗୋପୀନାଥ ନରେନ୍ଦ୍ର କହିଲେ "ହେ ମୁକ୍ତା ।! ଆସନ୍ତା କାଲି ପ୍ରତ୍ୟୁଷରୁ ଜଗନ୍ନାଥଙ୍କୁ ପୁରୀ ଶ୍ରୀ ମନ୍ଦିରକୁ ଫେରାଇ ନେବା ପାଇଁ ପୁରୀର ଗଜପତି ମହାରାଜା ରାମଚନ୍ଦ୍ର ଦେବ ତାଙ୍କର ଜଣେ ବିଶିଷ୍ଟ ବିଦ୍ୱାନ ପ୍ରତିନିଧି ବଡ ପଦ୍ମନାଭ ପଟ୍ଟନାୟକଙ୍କ ହାତରେ ଆଦେଶନାମା ଦେଇ ମୋ ନିକଟକୁ ପଠାଇଛନ୍ତି । ମହାରାଜା ରାମଚନ୍ଦ୍ର ଦେବଙ୍କ ଆଦେଶକୁ ଆମେ କୌଣସି ପରିସ୍ଥିତିରେ ବି ଅମାନ୍ୟ କରିପାରିବା ନାହିଁ । ଏହାପରେ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଜଗତର ଠାକୁର। ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ସରିବା ପରେ ମୁଁ ରାମଚନ୍ଦ୍ର ଦେବଙ୍କ ପ୍ରସ୍ତାବକୁ ସ୍ୱୀକୃତି ଦେବା ପାଇଁ ବାଧ୍ୟ ହୋଇଛି କାରଣ ଗଜପତିଙ୍କ ଆଦେଶକୁ କେହିବି ଟାଳି ପାରିବେ ନାହିଁ। ଆସନ୍ତା କାଲିର ପ୍ରଭାତରୁ ଶ୍ରୀ ଜଗନ୍ନାଥଙ୍କୁ ବିଦାୟ ଦେବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଖୋଦ ଗଜପତି ମୋ ନିକଟକୁ ପଠାଇଥିବା ନିର୍ଦ୍ଦେଶ ପତ୍ରରେ ବିନମ୍ରତାର ସହ ଅନୁରୋଧ କରିଛନ୍ତି । ଏତିକି ଶୁଣିବା ପରେ ମହାରାଣୀ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ମହାରାଣୀଙ୍କ ଚକ୍ଷୁରୁ ଧାର ଧାର ହୋଇ ଗଡିଚାଲିଲା ଅବିଶ୍ରାନ୍ତ ଲୁହଧାର । କେତେବେଳେ କାନ୍ଦି କାନ୍ଦି ବିକଳରେ ତଳେ ଗଡୁଥାନ୍ତି ତ ଆଉ କେତେବେଳେ କାନ୍ଥରେ ମଥାକୁ ପିଟି ଲହୁ ଲୁହାଣ କରି ଦେଉଥାନ୍ତି। ପାତ୍ରମନ୍ତ୍ରୀ ଦାସଦାସୀ ଯେତେ ବୁଝାଇଲେ ମଧ୍ୟ ତାଙ୍କର ଅଶୃପାତ ବନ୍ଦ ହେଉନଥାଏ । ଏ ଭୟାନକ ଶୋକ ସାଗର ମଧ୍ୟରୁ ମହାରାଣୀଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇଗଲାଣି। କୌଣସି ଉପାୟ ମଧ୍ୟ କେହି ବାହାର କରିପାରୁ ନାହାନ୍ତି । କ୍ରନ୍ଦନ ରୋଳର ଉତ୍ତାଳ ତରଙ୍ଗ ଏତେ ଭୟାବହ ଅବସ୍ଥାରେ ପହଞ୍ଚିଲା ଯେ ଶେଷରେ ଅତିଥି ଭବନରୁ ପଦ୍ମନାଭ ପଟ୍ଟନାୟକ ବିଶ୍ରାମ କକ୍ଷ ପରିତ୍ୟାଗ କରି ମହାରାଣୀଙ୍କ ଶୋକକୁ ପ୍ରଶମିତ କରିବା ପାଇଁ ତାଙ୍କ ନିକଟକୁ ଚାଲିଆସିଲେ । ଶାନ୍ତ ସ୍ୱଭାବର ଚରିତ୍ରରେ ଅଭ୍ୟସ୍ତ ପଦ୍ମନାଭ ପଟ୍ଟନାୟକଙ୍କ ଆଶ୍ୱାସନାର ମହାରାଣୀଙ୍କ ଶୋକ ଧୀରେ ଧୀରେ ହ୍ରାସ ପାଇଲା । (କ୍ରମଶଃ...)

# ଅଦୃଶ୍ୟ ମହାମାରୀ : ବାୟୁ ପ୍ରଦୂଷଣ



ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ବର୍ତ୍ତମାନ ଭାରତରେ ବାୟୁ ପ୍ରଦୂଷଣ କେବଳ ଶୀତ ଦିନରେ ଓ ଉତ୍ତରାଞ୍ଚଳରେ ସୀମିତ ସମସ୍ୟା ହୋଇ ରହିନାହିଁ। ଦେଶର ସମଗ୍ର ଅଞ୍ଚଳ, ସମ୍ପୂର୍ଣ୍ଣ ଜନସଂଖ୍ୟା ଓ ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ବିଶେଷକରି ବିକାଶଶୀଳ ସହରାଞ୍ଚଳଗୁଡ଼ିକରେ ବାୟୁ ପ୍ରଦୂଷଣର ମାପକ ଭାବେ ନିଆଯାଉଥିବା ପର୍ଟିକୁଲେଟ ମ୍ୟାଟ୍‌ର (ପି.ଏମ୍)ର ସେଠାକାର ବାୟୁରେ ବିପଜ୍ଜନକ ଭାବେ ଅଧିକ ସାନ୍ଦ୍ରତା ରହୁଛି ଯାହାକି ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହିତ ଶିଶୁମାନଙ୍କର ବିକାଶ ଧାରାରେ ବାଧା ଏବଂ ମଣିଷର ହାରାହାରି ଆୟୁ ସୀମାକୁ ମଧ୍ୟ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପର୍ଟିକୁଲେଟ ମ୍ୟାଟ୍‌ର (ପି.ଏମ୍) ୨.୫ କୁ ନିର୍ଣ୍ଣାୟକ ଧରି ୨୦୨୬ ର ଆରମ୍ଭରେ ଦେଶ ବ୍ୟାପୀ କରାଯାଇଥିବା ସର୍ବେକ୍ଷଣରେ ଜଣାପଡ଼ିଲା ଯେ ୨.୫ ମାପକ ବ୍ୟବସ୍ଥାକୁ ଭାରତର ପଇଁଚାଳିଶରୁ ଷାଠିଏ ପ୍ରତିଶତ ସହର ଅତିକ୍ରମ କରିଯାଇଛନ୍ତି। ଏହି ସର୍ବେକ୍ଷଣରେ ଆସାମର ବିରନିହାଟ ଓ ରାଜଧାନୀ ଦିଲ୍ଲୀ ଦେଶର ଦୁଇ ସବୁଠାରୁ ଅଧିକ ବାୟୁ ପ୍ରଦୂଷିତ ସହରର ମାନ୍ୟତା ପାଇଛନ୍ତି। ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ଏହି ପି.ଏମ୍. କ'ଣ, ତାହା ବିଷୟରେ ପାଠକମାନଙ୍କୁ ସରଳ ଭାଷାରେ କିଛି ସୂଚନା ଦେବା ମୁଁ ଆବଶ୍ୟକ ମନେ କରୁଛି। ପି.ଏମ୍. ମୁଖ୍ୟତଃ ବୁଝାଇଥାଏ କଠିନ ଓ ତରଳ ପଦାର୍ଥର ଏକ ମିଶ୍ରିତ କଣିକାକୁ ଯାହା ପ୍ରଦୂଷିତ ବାୟୁରେ ଥାଏ। ଏଥିରେ ଥାଏ ଧୂଳିକଣା, ଧୂଆଁ (ସିଗାରେଟ୍ ଧୂଆଁଠାରୁ ଆରମ୍ଭ କରି ଯାନବାହନ ଓ କାରଖାନା ଧୂଆଁ ପର୍ଯ୍ୟନ୍ତ) ଏବଂ ବିଭିନ୍ନ ରାସାୟନିକ ପଦାର୍ଥ। ଆକାର ଦୃଷ୍ଟିରୁ ମୁଖ୍ୟତଃ ଏହାକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ। ଗୋଟିଏ ହେଉଛି ପି.ଏମ୍- ୧୦ ଯାହାକି ଦଶ ମାଇକ୍ରୋମିଟର କିମ୍ବା ଏହାଠାରୁ ଛୋଟ ଏବଂ ପି.ଏମ୍- ୨.୫ ଯାହାକି ଅଢ଼େଇ ମାଇକ୍ରୋମିଟର କିମ୍ବା ଏହାଠାରୁ ଛୋଟ। ଏହି ପି.ଏମ୍ ୨.୫ ନିଜର କ୍ଷୁଦ୍ରତା ଓ ସୂକ୍ଷ୍ମତା ଯୋଗୁଁହିଁ ସବୁଠାରୁ ଅଧିକ ଘାତକ ସାବ୍ୟସ୍ତ ହୋଇଥାଏ। ଏହାର କାରଣ ମଣିଷ ଶରୀରରେ ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥାକୁ ଏହା ସହଜରେ ଅତିକ୍ରମ କରିପାରିଥାଏ।

ସରକାରୀ ଭାବରେ ବାୟୁର ମାନକୁ ପ୍ରଦୂଷଣ ଭିତ୍ତିରେ ଜାଣିବା ପାଇଁ ଭାରତରେ ଯେଉଁ ମାନକର ବ୍ୟବହାର କରାଯାଉଛି ତାହା ହେଲା ଏୟାରକ୍ୱାଲିଟି ଇଣ୍ଡେକସ୍ (ଏକ୍ୟୁଆଇ)। ଏହି ଏକ୍ୟୁଆଇ ପାଞ୍ଚଶହ ଅତିକ୍ରମ କଲେ ଏହାକୁ ବାୟୁ ପ୍ରଦୂଷଣର ସବୁଠାରୁ ବିପଜ୍ଜନକ ସ୍ତର ବୋଲି ଧରାଯାଇଥାଏ। କିନ୍ତୁ ଆନ୍ତର୍ଜାତିକ ଓ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ କରାଯାଇଥିବା ବାୟୁ ପ୍ରଦୂଷଣ ସର୍ଭେରେ ଏକ୍ୟୁଆଇ ଛଅଶହକୁ ମଧ୍ୟ ଅତିକ୍ରମ କରିଯାଉଛି। ଏହି ଏକ୍ୟୁଆଇ ସହିତ ସିଗାରେଟ୍ ଧୂଆଁର ଏକ ଆଶ୍ଚର୍ଯ୍ୟ କରିଦେବା ଭଳି ସମ୍ପର୍କ ରହିଛି। ସେଇଟି ହେଉଛି ବାୟୁମଣ୍ଡଳର ଏକ୍ୟୁଆଇ ସହିତ ବାଇଶି ବିଭକ୍ତ କଲେ ଯେଉଁ ସଂଖ୍ୟା ବାହାରିବ ଦିନକୁ ସେତିକି ସିଗାରେଟ୍ ଖାଇବା ଯାହା ସେହି ବାୟୁକୁ ଗ୍ରହଣ କରିବା ତାହା। ପ୍ରଦୂଷିତ ବାୟୁର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଯେ ମରଣାନ୍ତକ ଏକଥା କହିବା ବାହୁଲ୍ୟ। ଚିକାଗୋସ୍ଥିତ ଏନର୍ଜି ପଲିସି ଇନଷ୍ଟିଚ୍ୟୁଟ୍‌ର ରିପୋର୍ଟ ଦର୍ଶାଉଛି ଯେ, ପାଖାପାଖି ପଚାଶ ପ୍ରତିଶତ ଭାରତୀୟ, ପ୍ରଦୂଷିତ ବାୟୁଥିବା ଅଞ୍ଚଳରେ ବାସ କରୁଛନ୍ତି ଓ ସେମାନଙ୍କ ଆୟୁ ସୀମାରେ ମଧ୍ୟ ହ୍ରାସ ଘଟୁଛି ଏହାଦ୍ୱାରା। ଦିଲ୍ଲୀରେ ହିଁ ଏହି ଆୟୁ ହ୍ରାସ ହାରାହାରି ଆଠ ବର୍ଷ ରହୁଛି। କେବଳ ଭାରତରେ ହିଁ ୨୦୨୨ ରେ ସତର ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ଇତି ମଧ୍ୟରେ ଏହି ସଂଖ୍ୟା ବର୍ତ୍ତମାନ କୋଡ଼ିଏ ଲକ୍ଷ ଅତିକ୍ରମ କରିଗଲାଣି ବୋଲି ବିଭିନ୍ନ ସୂତ୍ରରୁ ହେଉଥିବା ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ୨୦୧୦ ଠାରୁ ଏହି କାରଣ ଜନିତ ମୃତ୍ୟୁରେ ଚାଳିଶ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ମୁଖ୍ୟତଃ ଏହା ହେଉଛି ପି.ଏମ୍ ୨.୫ ର ବାୟୁ ମଣ୍ଡଳରେ ବହୁଳତା ହେତୁ, ଯାହାକି ବାଟ କଢ଼ାଇ ନେଇଥାଏ ହୃଦ୍‌ରୋଗ, ଷ୍ଟ୍ରୋକ୍, ସିଓପିଡି ଓ ଡାଇବେଟିସ୍ ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ। ବର୍ତ୍ତମାନ ପି.ଏମ୍ ୨.୫ର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ବିଷୟରେ ଆଲୋଚନା କରିବା।

**ପି.ଏମ୍ ୨.୫ ର ହୃତ୍‌ପିଣ୍ଡ ଉପରେ ପ୍ରଭାବ :** ଏହା ଅତି ସୂକ୍ଷ୍ମ ହୋଇଥିବାରୁ ରକ୍ତ ଜରିଆରେ ଶରୀରର ଅଭ୍ୟନ୍ତରକୁ ଯାଇ ନାନା ରୋଗ ସୃଷ୍ଟି କରିଥାଏ। ଏଗୁଡ଼ିକ ହେଉଛି :- ଅତ୍ୟଧିକ ରକ୍ତଚାପ, ଆଥେରୋସ୍କ୍ଲେରୋସିସ୍, ମାୟୋକାର୍ଡ଼ିଆଲ ଇନ୍‌ଫ୍ରାକସନ୍, ଆରିଦିମିଆ, ଷ୍ଟ୍ରୋକ୍ ଇତ୍ୟାଦି। ଯେଉଁ ଅଞ୍ଚଳରେ ହୃଦ୍‌ରୋଗୀମାନଙ୍କ ସଂଖ୍ୟା ଅଧିକ ଥାଏ, ସେଠାରେ ବାୟୁ ପ୍ରଦୂଷଣ ହେତୁ ସେମାନଙ୍କର ମୃତ୍ୟୁହାର ଅପେକ୍ଷାକୃତ ଅଧିକ ମଧ୍ୟ ହୋଇଥାଏ।

**ଫୁସ୍‌ଫୁସ୍ ଏବଂ ଶ୍ୱାସକ୍ରିୟା ଉପରେ ପ୍ରଭାବ :** ପ୍ରଦୂଷିତ ବାୟୁର ସବୁଠାରୁ ଦୃଶ୍ୟମାନ ପ୍ରଭାବ ପଡ଼ିଥାଏ ଶ୍ୱାସକ୍ରିୟା ଉପରେ। ଶିଶୁମାନେ ଏହାଦ୍ୱାରା ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥାନ୍ତି। ହାରାହାରି ଦଶ ପ୍ରତିଶତ ଭାରତୀୟ ଶିଶୁ ବାୟୁ ପ୍ରଦୂଷଣ ଯୋଗୁଁ ଆଜ୍‌ମାର ଶିକାର ହୋଇଥାନ୍ତି। ଏମସ୍‌ରୁ ମିଳିଥିବା ରିପୋର୍ଟ ଅନୁଯାୟୀ ପି.ଏମ୍ ୨.୫ ର ମାତ୍ରାରେ ମାତ୍ର ଦଶ ମାଇକ୍ରୋଗ୍ରାମ୍ ପ୍ରତି ଘନ ମିଟର ବୃଦ୍ଧି ଘଟିଲେ ଡାକ୍ତରଖାନାର ଶିଶୁବିଭାଗର ଜରୁରୀକାଳୀନ ସେବାରେ ପାଖାପାଖି ଚାଳିଶ ପ୍ରତିଶତରୁ ଅଧିକ ଶିଶୁ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଛନ୍ତି। ବୟସ୍କ ଓ ବୃଦ୍ଧମାନଙ୍କ କ୍ଷେତ୍ରରେ ଏହି ବାୟୁ ପ୍ରଦୂଷଣ ସିଓପିଡି, ବ୍ରୋଙ୍କାଇଟିସ୍, ଫୁସ୍‌ଫୁସ୍ ସଂକ୍ରମଣ ଜନିତ ସମସ୍ୟା ସୃଷ୍ଟି କରିଥାଏ।

**ସ୍ନାୟବିକ ସମସ୍ୟା :** ବୈଜ୍ଞାନିକ ତଥ୍ୟ ଏହା ଦର୍ଶାଉଛି ଯେ, ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍ ଭଳି ସ୍ନାୟୁ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଦୂଷିତ ବାୟୁର ପ୍ରଭାବ ଚିନ୍ତାଜନକ। ମଣିଷ ଶରୀରରେ ଥିବା ଏକ ପ୍ରାକୃତିକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ଯାହାକୁ କୁହାଯାଏ ବ୍ଲଡ୍ ବ୍ରେନ୍ ବ୍ୟାରିୟର୍ (ବି.ବି.ବି) କୁ ପି.ଏମ୍ ୨.୫ ଅତିକ୍ରମ କରି ନାନାଦି ସ୍ନାୟୁ ଜନିତ ରୋଗ ସୃଷ୍ଟି କରିଥାଏ। ପିଲାମାନଙ୍କ କ୍ଷେତ୍ରରେ ଏହା ହେଉଛି ସ୍ମରଣ ଶକ୍ତି ଓ ବୋଧ ଶକ୍ତିରେ ହ୍ରାସ, ଶ୍ରେଣୀ ଗୃହ ପ୍ରଦର୍ଶନରେ ଅକ୍ଷମତା ଇତ୍ୟାଦି। ସେହିପରି ବୟସ୍କ ଓ ବୃଦ୍ଧମାନଙ୍କ କ୍ଷେତ୍ରରେ ଏହା ମସ୍ତିଷ୍କରେ ଥିବା ଶିରା-ପ୍ରଶିରାମାନଙ୍କରେ କ୍ଷତି ଏବଂ ଡିମେନ୍‌ସିଆ ଭଳି ସମସ୍ୟା ଡାକି ଆଣେ।

**ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ :** ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ଶିଶୁଟିର ଜନ୍ମ ପରେ ମୃତ୍ୟୁ, ଜନ୍ମ ବେଳେ ଅସ୍ୱାଭାବିକ ଭାବରେ ଓଜନରେ ହ୍ରାସ, ସମୟ ପୂର୍ବରୁ ଜନ୍ମ ଆଦି ମୁଖ୍ୟତଃ ଦେଖାଯାଇଥାଏ।

ବାୟୁ ପ୍ରଦୂଷଣ ଭାରତୀୟ ସମାଜରେ ଗୋଟିଏ ଦର୍ପଣ ଭଳି କାର୍ଯ୍ୟ କରି ସମାଜରେ ଧନୀ ଓ ଗରିବମାନଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ସ୍ପଷ୍ଟ ଭାବରେ ଦେଖାଇ ଦେଉଛି। ସମାଜର ଗରିବ, ବଞ୍ଚିତ ପୃଷ୍ଠ ଭୂମିର ଲୋକମାନେ ମୁଖ୍ୟତଃ କଳକାରଖାନା ଓ ଶିଳ୍ପାଞ୍ଚଳରେ ଥିବା ବସ୍ତିମାନଙ୍କରେ ରହିଥାନ୍ତି ଏବଂ ସେହି ଅଞ୍ଚଳରୁ ବାହାରୁଥିବା ଧୂଆଁଦ୍ୱାରା ଗମ୍ଭୀର ଭାବରେ ଆକ୍ରାନ୍ତ ହୋଇଥାନ୍ତି। ଉପଯୁକ୍ତ ଗୃହ, ପରିମଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାର ଅଭାବ ମଧ୍ୟ ଏ ଅଞ୍ଚଳରେ ପରିଲକ୍ଷିତ ହୋଇଥାଏ। ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା କଥା ଆସିଲେ ମୁଖ୍ୟତଃ ନାଗରିକ ସମାଜରେ ଆଲୋଚନା ହୋଇଥାଏ, ଦୀପାବଳିରେ ବାଣ ଫୁଟାଇବା ଓ ଶସ୍ୟ କ୍ଷେତ୍ରରେ ନିଆଁ ଲଗାଇବା (ଷ୍ଟବଲ୍ ବର୍ଣ୍ଣିଙ୍ଗ) ଇତ୍ୟାଦି ବନ୍ଦ କରିବା ପାଇଁ କିନ୍ତୁ ଏଗୁଡ଼ିକ ତୃଣମୂଳ କାରଣ ନୁହେଁ। ହଁ, ଏମାନେ ବାୟୁ ପ୍ରଦୂଷଣକୁ ତୀବ୍ରତର କରିବାରେ ଅବଶ୍ୟ ସାହାଯ୍ୟ କରିଥାନ୍ତି। ତୃଣମୂଳ କାରଣ ମଧ୍ୟରେ ଯାନବାହନରୁ ବାହାରୁଥିବା ଧୂଆଁ, କଳକାରଖାନାର ନିର୍ଗମନ, ରାସ୍ତା ଓ ଗୃହ ନିର୍ମାଣର ଧୂଳି ଓ ଧୂଆଁ, ଗ୍ରାମାଞ୍ଚଳରେ ବ୍ୟବହାର ହେଉଥିବା ଘଷି ଇତ୍ୟାଦି ମୁଖ୍ୟ। ଅନ୍ତତଃ ବାୟୁ ପ୍ରଦୂଷଣର ନିୟନ୍ତ୍ରଣ ନିମନ୍ତେ ଏକ ସ୍ୱାସ୍ଥ୍ୟକେନ୍ଦ୍ରିକ ବହୁମୁଖୀ ପ୍ରକଳ୍ପର ଆବଶ୍ୟକତା ରହିଛି। ନିବନ୍ଧର ଶେଷରେ ଆମେ ଏହାହିଁ ଆଲୋଚନା କରିବା। ବସ୍, ଟ୍ରକ୍, କାର୍ ଓ ଅନ୍ୟାନ୍ୟ ଦୁଇଚକିଆ ଯାନକୁ ବିପୁଳ ମାତ୍ରାରେ ବୈଦ୍ୟୁତୀକରଣ କରି ଜୀବାଶ୍ମ ଇନ୍ଧନ ଭଳି ବ୍ୟବହାର ଉପଯୋଗୀ କରାଯିବା ଉଚିତ୍। କଳକାରଖାନାରେ କୋଇଲାର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାର ଆବଶ୍ୟକତା ରହିଛି। ନିର୍ମାଣଜନିତ ନିୟନ୍ତ୍ରଣରେ ମୁଖ୍ୟତଃ ଧୂଳିର ନିର୍ଗମନକୁ ଗୁରୁତ୍ୱର ସହିତ ହ୍ରାସ କରାଯିବା ପାଇଁ ପଦକ୍ଷେପ ନିଆଯାଉ। ନିର୍ଦ୍ଦିଷ୍ଟ ଅଞ୍ଚଳ ଯାହାକି ବାୟୁ ପ୍ରଦୂଷଣଦ୍ୱାରା ପ୍ରଭାବିତ ହୋଇଥାଏ, ସେଠାରେ ନିୟମିତ ଭାବରେ ଶିଶୁଙ୍କଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆଜ୍‌ମା, ସିଓପିଡି, ଡିମେନ୍‌ସିଆ ଆଦି ରୋଗର ଚିହ୍ନଟ କରାଯାଇ, ଏହାର ଚିକିତ୍ସା କରାଯାଉ।

ଶେଷରେ ଏତିକି ଉଲ୍ଲେଖ କରି ନିବନ୍ଧଟିକୁ ଶେଷ କରିବି ଯେ, ବାୟୁ ପ୍ରଦୂଷଣର ନିୟନ୍ତ୍ରଣ ଭାର କେବଳ ସରକାରଙ୍କ ଉପରେ ଛାଡ଼ିଦେବା ଠିକ୍ କଥା ନୁହେଁ। ଏହା ଜନସାଧାରଣଙ୍କର ମଧ୍ୟ ଏକ ଜରୁରୀ କର୍ତ୍ତବ୍ୟ। ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ଔଷଧ ପରି ସ୍ୱଚ୍ଛ ବାୟୁ ମଧ୍ୟ ସମଗ୍ର ଜୀବଜଗତ ପାଇଁ ଏକ ମୌଳିକ ଆବଶ୍ୟକତା। ତେଣୁ ଆମେମାନେ ଏହାକୁ ଏକ ଜାତୀୟ ସମସ୍ୟା ବୋଲି ବିବେଚନା କରି ନିଜ ତରଫରୁ ଛୋଟ ଛୋଟ ପରିବର୍ତ୍ତନଶୀଳ ପଦକ୍ଷେପ ନେଲେ, ଏ ମହାମାରୀ ସମସ୍ୟାକୁ ଦୂର କରିପାରିବା।

## ଶ୍ରୀକ୍ଷେତ୍ର ପରିକ୍ରମା-୪

# ପୁରୀର ପ୍ରତ୍ୟକ୍ଷ ପ୍ରହରୀ: ବାବା ଶ୍ରୀ ଲୋକନାଥ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ଶ୍ରୀକ୍ଷେତ୍ର ହେଉଛି ଓଡ଼ିଶାର ପ୍ରାଣକେନ୍ଦ୍ର। ଏହି କ୍ଷେତ୍ରର ପ୍ରତିଟି ପରିକ୍ରମା ଓଡ଼ିଆ ଅଧ୍ୟାତ୍ମର ଚେତନାକୁ ଚିର କାଳରୁ ମନ୍ଥନ କରିଆସିଛି। ଏହି କ୍ଷେତ୍ରରେ ଶୈବ, ଶାକ୍ତ, ବୈଷ୍ଣବ ମହୋଦଧିରେ ନଦୀ ମିଶିଲା ପରି ମିଶିକି ସୃଷ୍ଟି କରିଛନ୍ତି ଏକ ଅନନ୍ୟ ମୁହାଣ ଯାହା ଆମର ଗର୍ବ। ପୁରାଣ କାଳରୁ ଶିବ ଏବଂ ବିଷ୍ଣୁ, ହରି ଏବଂ ହରଙ୍କ ସମ୍ପର୍କ ଅତ୍ୟନ୍ତ ରୋମାଞ୍ଚକର। ଏହି ହରି ହର ପରମ୍ପରାର ମୂଳ ବାର୍ତ୍ତା ହେଲା " ବ୍ରହ୍ମ ଏକ ଜୀବ ଅନେକ" । ଏହି ପରମ୍ପରାକୁ ସର୍ବାଧିକ ପ୍ରଚାରିତ କରିବାରେ ଏବଂ ପାଳନ କରିବାରେ ଓଡ଼ିଆ ଜାତି ହେଉଛି ଅନନ୍ୟ। ଏହି ଶ୍ରୀକ୍ଷେତ୍ରର ସମ୍ପ୍ରଦାୟ ବାଦକୁ ଧ୍ୱଂସ କରି ସ୍ଥାପନା ହୋଇଛି ପୁରୀର ଲୋକ ସଂସ୍କୃତି ଓ ଲୋକ କାହାଣୀ ଏବଂ ଏହି କାହାଣୀରୁ ଆମେ ଜାଣିଛେ ଏଠିକାର ଐତିହ୍ୟକୁ । ପବିତ୍ର ଫାଲଗୁନ ମାସ କୃଷ୍ଣ ପକ୍ଷ ଏକାଦଶୀ ଦିନ ବିଷ୍ଣୁଙ୍କ ପ୍ରିୟ ତିଥି "ବିଜୟା ଏକାଦଶୀ" ଶ୍ରୀକ୍ଷେତ୍ରରେ ଦେଖିବାକୁ ମିଳେ ଏକ ଅନନ୍ୟ ଭିଡ଼ । ଏ ଭିଡ଼ ଶ୍ରୀମନ୍ଦିରରେ ନାହିଁ ବରଂ ଏ ଭିଡ଼ ଦେଖିବାକୁ ମିଳେ ଶ୍ରୀମନ୍ଦିରର ପଶ୍ଚିମ ଭାଗରେ ସମୁଦ୍ର ନିକଟରେ ଅବସ୍ଥାପିତ ବାବା ଲୋକନାଥଙ୍କ ପୀଠରେ ଏବଂ ଏହି ଦିବସଟିକୁ ମଧ୍ୟ କୁହାଯାଏ "ପଙ୍କୋଦ୍ଧାର ଏକାଦଶୀ" । ଆଶୁତୋଷ ମହାଦେବଙ୍କ ଏହି ପବିତ୍ର ପୀଠ ଶ୍ରୀକ୍ଷେତ୍ରର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ପ୍ରମୁଖ।

ସ୍ଥାନୀୟ ଲୋକଙ୍କ ମତରେ ଏହି ମନ୍ଦିର ପ୍ରଭୁ ରାମଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସ୍ଥାପତ୍ୟ ଦୃଷ୍ଟିକୋଣରୁ ମନ୍ଦିରଟି ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ଧାର୍ମିକ ଦୃଷ୍ଟିକୋଣରୁ ଏହା ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। କିମ୍ବଦନ୍ତୀ କହେ ଯେ ପ୍ରଭୁ ରାମ ସୀତାଙ୍କୁ ଖୋଜିବା ପାଇଁ ଶ୍ରୀଲଙ୍କା ଯାଉଥିବା ସମୟରେ ପୁରୀରେ ପହଞ୍ଚିଥିଲେ ଏବଂ ଏଠାରେ ଶିବଙ୍କୁ ଦର୍ଶନ କରିବା ପାଇଁ ଏକ ପ୍ରତିଜ୍ଞା କରିଥିଲେ। ସେହି ସମୟରେ ନିକଟରେ ଏକ ଗ୍ରାମ (ସ୍ଥାନୀୟ ଭାଷାରେ ସାବରପଲ୍ଲୀ କୁହାଯାଉଥିଲା) ଥିଲା, ଶବର ମାନେ (ସେହି ଗ୍ରାମର ମୂଳ ବାସିନ୍ଦା) ତାଙ୍କୁ ଶିବ ଲିଙ୍ଗ ପରି ଦେଖାଯାଉଥିବା ଏକ ଲାଉ ବା ଲଉକା (କଖାରୁ ଜାତୀୟ ଏକ ପ୍ରକାର ପନିପରିବା) ପ୍ରଦାନ କରିଥିଲେ। ପ୍ରଭୁ ରାମ ଏହି ଲାଉକୁ ସେହି ସ୍ଥାନରେ ଶିବଲିଙ୍ଗ ପ୍ରତିକୃତି ଭାବରେ ଏକ ତାମ୍ର ପାତ୍ରରେ ତାହାକୁ ସ୍ଥାପନ କରିଥିଲେ ଏବଂ ଶିବଙ୍କୁ ତାଙ୍କର ଇଚ୍ଛା ପୂରଣ କରିବା ପାଇଁ ପ୍ରାର୍ଥନା କରିଥିଲେ। ଭଗବାନ ଶିବ ସେହି ଲାଉରେ ଆବିର୍ଭାବ ହୋଇ ଶ୍ରୀରାମଙ୍କୁ ଦର୍ଶନ ଦେଲେ। ସେହି ଦିନଠାରୁ ଏହି ଶିବ ଲିଙ୍ଗକୁ 'ଲୌକନାଥ' କୁହାଯାଉଥିଲା। ଏହା ବିଶ୍ୱାସ କରାଯାଏ ଯେ ଲୋକନାଥ ଶବ୍ଦଟି ମୂଳ 'ଲୌକନାଥ' ଶବ୍ଦରୁ ପରବର୍ତ୍ତୀ ନବୀକରଣ।

ଇତିହାସ ଅନୁସାରେ ଏହି ମନ୍ଦିରରେ ଥିବା ଲିଙ୍ଗ ପ୍ରଭୁ ରାମଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଯେ ଶିବଲିଙ୍ଗରୁ ସର୍ବଦା ପାଣି ଅନବରତ ଝରୁଥାଏ, ଯାହାକି ଦେବୀ ଗଙ୍ଗା ଶିବଲିଙ୍ଗର ଉପର ଦେଇ ଏକ ସ୍ରୋତ ଭାବରେ ପ୍ରବାହିତ ହେଉଥିବା କିମ୍ବଦନ୍ତୀକୁ ପ୍ରମାଣିତ କରେ। ମୁଖ୍ୟ ମନ୍ଦିରର ସବୁଠାରୁ ଭିତର କୋଠରୀରେ ଏକ ଶିବ ଲିଙ୍ଗ ସଂରକ୍ଷିତ ଅଛି ଯାହା ମନ୍ଦିରର ଅଧିଷ୍ଠାତ୍ରୀ ଦେବତା। ଏହି ଲିଙ୍ଗ ପ୍ରତିବର୍ଷ ଭକ୍ତମାନଙ୍କୁ କେବଳ ଗୋଟିଏ ଦିନ ଦୃଶ୍ୟମାନ ହୁଏ। ଲିଙ୍ଗ ସମେତ ଗର୍ଭଗୃହ ଏକ ପ୍ରାକୃତିକ ଝରଣା ଦ୍ୱାରା ବର୍ଷସାରା ଜଳରେ ପରିପୂର୍ଣ୍ଣ ହୋଇଥାଏ। ରୋଗରେ ପୀଡିତ ଲୋକମାନେ ଏଠାକୁ ପ୍ରାର୍ଥନା ପାଇଁ ଆସନ୍ତି। ବର୍ଷସାରା ଭଗବାନଙ୍କୁ ଅର୍ପଣ କରାଯାଉଥିବା ଫୁଲ, ଚନ୍ଦନ ପେଷ୍ଟ, କ୍ଷୀର, ଦହି (ଦହି), ମହୁ, ଭୃସଙ୍ଗ ପତ୍ର, ନଡ଼ିଆ ପାଣି, ବିଲ୍ୱ ପତ୍ର ଇତ୍ୟାଦି ପାଣିରେ ପଚିଯାଏ ଯାହା ଏକ ବିଶେଷ ଗନ୍ଧ ଏବଂ ସ୍ୱାଦ ସୃଷ୍ଟି କରେ ଯାହା ସମ୍ପୂର୍ଣ୍ଣ ଔଷଧ ଭାବରେ ପ୍ରସ୍ତୁତ ହୁଏ। ଲୋକମାନେ ଯେଉଁ ରୋଗ ପାଇଁ କଷ୍ଟ ପାଉଥିଲେ ତାହାରୁ ସୁସ୍ଥ ହେବା ପାଇଁ ଏହାକୁ ପ୍ରସାଦ ଭାବରେ ଗ୍ରହଣ କରନ୍ତି।

ଲୋକନାଥ ମନ୍ଦିରର ଚାରୋଟି ଅଂଶ ଅଛି ଯେପରିକି ବିମାନ (ମୁଖ୍ୟ ମନ୍ଦିର), ଜଗମୋହନ (ପ୍ରବେଶ କକ୍ଷ), ନାଟମଣ୍ଡପ (ନୃତ୍ୟ କକ୍ଷ) ଏବଂ ଭୋଗମଣ୍ଡପ (ଭୋଗ କକ୍ଷ) । ଏହି ମନ୍ଦିର ବାଲି ପଥରରେ ନିର୍ମିତ। ମୁଖ୍ୟ ମନ୍ଦିର ଭୂମି ସ୍ତରରୁ ପ୍ରାୟ ୩୦ ଫୁଟ ଉଚ୍ଚରେ ଅବସ୍ଥିତ। ମୁଖ୍ୟ ମନ୍ଦିରର ଅଧିକାଂଶ ଅଂଶ ମାର୍ବଲ ପଥରରେ ଆଚ୍ଛାଦିତ ହୋଇଛି, ତେଣୁ ମୁଖ୍ୟ ମନ୍ଦିରର ବିସ୍ତୃତ ସ୍ଥାପତ୍ୟ ଦୃଶ୍ୟମାନ ନୁହେଁ। ମୁଖ୍ୟ ମନ୍ଦିରର ବାହାର କାନ୍ଥରେ ବିଭିନ୍ନ ଦେବତାଙ୍କ ପ୍ରତିମା ରହିଛି। ଉତ୍ତର ପାର୍ଶ୍ୱ କାନ୍ଥରେ ଶିବ-ପାର୍ବତୀଙ୍କ ପ୍ରତିମା ଖୋଦିତ ହୋଇଛି। ପୂର୍ବ ପାର୍ଶ୍ୱ କାନ୍ଥରେ ଭଗବାନ କାର୍ତ୍ତିକେୟଙ୍କ ପ୍ରତିମା ଅଛି। ଦକ୍ଷିଣ ପାର୍ଶ୍ୱ କାନ୍ଥରେ ଚାରିହାତ ଭଗବାନ ଗଣେଶଙ୍କ ପ୍ରତିମା ଖୋଦିତ ହୋଇଛି। ଏହି ସମସ୍ତ ପାର୍ଶ୍ୱ କାନ୍ଥ ପ୍ରତିମା ଛୋଟ ମନ୍ଦିର ଭିତରେ ରଖାଯାଇଛି। ଲୋକନାଥ ମନ୍ଦିର ପରିସରରେ ଅନେକ ଛୋଟ ମନ୍ଦିର ଅଛି। ଭିତର ପ୍ରାଙ୍ଗଣର ବାମ ପାର୍ଶ୍ୱରେ ଏକ ଛୋଟ ମନ୍ଦିର ଅଛି ଯାହା ସୂର୍ଯ୍ୟ-ନାରାୟଣ ଏବଂ ଚନ୍ଦ୍ର-ନାରାୟଣଙ୍କ ପ୍ରତିମା ସଂରକ୍ଷଣ କରେ। ପରିସର ମଧ୍ୟରେ ସତ୍ୟ-ନାରାୟଣ ମନ୍ଦିର ବିଷ୍ଣୁ, ଲକ୍ଷ୍ମୀ ଏବଂ ଅନେକ ପିତ୍ତଳ ମୂର୍ତ୍ତି ସଂରକ୍ଷଣ କରେ। ଭିତର ପ୍ରାଙ୍ଗଣର ପ୍ରବେଶ ଦ୍ୱାରର ଡାହାଣ ପାର୍ଶ୍ୱରେ ଆପଣ ଭଗବାନ ହନୁମାନଙ୍କ ଏକ ମୂର୍ତ୍ତି ପାଇବେ। ଲୋକନାଥ ମନ୍ଦିରର ପରିସର ରାସ୍ତା ସ୍ତରଠାରୁ ପ୍ରାୟ ୧୦ ଫୁଟ ତଳେ ଅଛି। ଯେତେବେଳେ ଆପଣ ମୁଖ୍ୟ ରାସ୍ତାରୁ ସିଡ଼ି ଦେଇ ଲୋକନାଥ ମନ୍ଦିର ପରିସରକୁ ପ୍ରବେଶ କରନ୍ତି, ସେତେବେଳେ ଆପଣ ଆପଣଙ୍କ ଡାହାଣ ପାର୍ଶ୍ୱରେ ଏକ ବଡ଼ ପୋଖରୀ (ସ୍ଥାନୀୟ ଭାଷାରେ ପାର୍ବତୀ ସାଗର ନାମରେ ଜଣାଶୁଣା) ପାଇବେ। ମନ୍ଦିର ଭିତରକୁ ପ୍ରବେଶ କରିବା ପୂର୍ବରୁ ଭକ୍ତମାନେ ଏହି ପୋଖରୀରେ ହାତ ଗୋଡ ଧୋଇଥାନ୍ତି। ଏହି ପୋଖରୀରେ ବହୁତ ମାଛ ରହିଥାଏ। ଭକ୍ତମାନେ ଏହି ମାଛମାନଙ୍କୁ ଖାଦ୍ୟ ଅର୍ପଣ କରି ବହୁତ ଉପଭୋଗ କରନ୍ତି। ଏଠାରେ ମହାଉତ୍ସାହ ଏବଂ ଆଡ଼ମ୍ବର ସହିତ ପାଳିତ ହେଉଥିବା ଉତ୍ସବ ମାନଙ୍କ ମଧ୍ୟରେ ଫାଲଗୁନ କୃଷ୍ଣ ଏକାଦଶୀ, ମହାଶିବରାତ୍ରି ଏବଂ ଶ୍ରାବଣ ସୋମାବରର ମେଳାପ୍ରସିଦ୍ଧ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଭଗବାନ ଶିବଙ୍କ ଦର୍ଶନ ପାଇଁ ଶିବଲିଙ୍ଗରେ ରୋଗ ଆରୋଗ୍ୟ କରିବାର ଶକ୍ତି ଅଛି। ଲୋକନାଥଙ୍କ ଉତ୍ସବ ମୂର୍ତ୍ତି ପୁରୀର ଜଗନ୍ନାଥ ମନ୍ଦିର ଭିତରେ ରଖାଯାଇଛି। ସେ ପ୍ରଭୁ ଜଗନ୍ନାଥଙ୍କ ସମସ୍ତ ଧନ ଏବଂ ଅଳଙ୍କାରର ରକ୍ଷକ ଦେବତା। ଏହି ମନ୍ଦିର ପୁରୀର ପାଞ୍ଚଟି ପ୍ରସିଦ୍ଧ ଶିବ ମନ୍ଦିର ମଧ୍ୟରୁ ଗୋଟିଏ। ଅନ୍ୟଗୁଡ଼ିକ ହେଉଛି ମାର୍କଣ୍ଡେଶ୍ୱର ମନ୍ଦିର, ଜମ୍ବେଶ୍ୱର ମନ୍ଦିର, ବାନାମ୍ବର ମନ୍ଦିର ଏବଂ କପାଳମୋଚନ ମନ୍ଦିର।

ପଙ୍କୋଦ୍ଧାର ଏକାଦଶୀ ସମୟରେ ଏଠାରେ ବିଶେଷ ପାକରେ ପ୍ରସ୍ତୁତ ଶୃଙ୍ଖଳା ଭୋଗ ଯଥା ଖଜା, ବଲ୍ଲଭ,ପାରିଜାତ, ଲୁଣିକୁର୍ମା ଆଦି ଭୋଗ ଲାଗି ଥାଏ। ଏହି ଭୋଗକୁ 'ରହଣି ଭୋଗ' ବା ରହଣିଆ ବୋଲି କୁହାଯାଏ। ପୁରୀର ଲୋକାଚାରରେ ଏହି ଭୋଗର ପବିତ୍ରତା ଓ ସେବନ ବିଧି ଶ୍ରୀ ମହାପ୍ରସାଦ ସଦୃଶ। ମହାଶିବରାତ୍ରି ଦିନ ଚାରିପ୍ରହର ପୂଜା ସରି ମହାଦୀପ ଉଠିଲା ପରେ ଏଠାରେ ଅନନ୍ୟ ହରି-ହର ଭେଟ ଉତ୍ସବ ମଧ୍ୟ ପାଳନ ହୋଇ ଥାଏ। ଶ୍ରୀ ଜଗନ୍ନାଥ ପୁରୀର ପ୍ରାଣ ହୋଇଥିଲେ ବାବା ଲୋକନାଥ ଏହି ପ୍ରାଣକୁ ଧାରଣ କରିଥିବା ଶରୀର। ପୁରୀର ସଂସ୍କୃତିରେ ଲୋକନାଥ ହେଲେ ପୁରୀର ସଂରକ୍ଷକ, ସମୁଦ୍ରର ପ୍ରଳୟ ଏବଂ ସୃଷ୍ଟି ମଧ୍ୟରେ ପୁରୀ ବାସୀଙ୍କୁ ରକ୍ଷା ପ୍ରଦାନ କରିଛନ୍ତି ପ୍ରଭୁ ଲୋକନାଥ। ବିଶ୍ୱାସ ଅଛି ବାବାଙ୍କ ଦୃଷ୍ଟି, ବାବାଙ୍କ ପଙ୍କ, ବାବାଙ୍କ କୃପା ଯାହା ଉପରେ ପଡିଛି ସେ ନାନାଦି ରୋଗବ୍ୟାଧିରୁ ମୁକ୍ତି ପାଇବା ସହ ଅକାଳ ଭୟ ମୃତ୍ୟୁ ଆଦିରୁ ଅଭୟ ପ୍ରାପ୍ତ କରିଥାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ତମେ ସେମିତି, ତମକୁ ମୁଁ ଯେମିତି ଚାହିଁଛି

### ନୀଳମାଧବ କର



ମାୟା କୁହୁଡ଼ିରେ ଦିଗହଜା ପଥିକ ତମେ
ମାୟାଚ୍ଛନ୍ନ, ନାଟକର ପାତ୍ର ପରି,
ଯବନିକା ଯାଏ, ତମେ ଯେ ହଜିଯାଇଥାଅ
ସେକଥା, ନିଜେ ବି ଜାଣନି ତମେ

ତମେ ସେମିତି, ତମକୁ ମୁଁ ଯେମିତି ଚାହିଁଛି
ଅସ୍ପଷ୍ଟ, ଅଚିହ୍ନା, ଅଜଣା
ତମ ସଂଳାପରେ ବାରିହୁଏନି ତମକୁ
ତମ ମୁହଁର ରଙ୍ଗରେ, ବେଶଭୂଷାରେ
ଲୁଚିଯାଇଥାଅ ତମେ, ବହୁରୂପୀ ପରି
ଅଙ୍ଗଭଙ୍ଗୀରେ, ଭେଳକି ଦେଖାଅ ତମେ
ଯାତ୍ରା ଶେଷ ଯାଏ, ଅନ୍ୟ ପାଇଁ
ଭୁଲିଯାଇଥାଅ ନିଜକୁ

ତମେ ସେମିତି, ତମକୁ ମୁଁ ଯେମିତି ଚାହିଁଛି
ନିଜକୁ ଚିହ୍ନନି ତମେ, ଦର୍ପଣରେ, ଜୀବନରେ,
ଅକାଳେ ସକାଳେ, କ୍ଲାନ୍ତ ପଥପ୍ରାନ୍ତ ଆସନରେ
ଦେଖା ହେଇଗଲେ କେବେ ନିଜ ସଙ୍ଗେ
ତମ ଚକିତ ଆଖିରେ, ରଙ୍ଗ ଭାସେ
ବୁଝିଲା ହସରେ, ତମେ ଯେ ଅଛ ମୋ ପାଇଁ,

ମୋ ଚାରିଆଡ଼େ, ଡେଣା ମେଲି ଆବୁରିଛ
ସେ ଆଶ୍ୱସ୍ତିର ଚାହାଣୀଟେ ତମଠୁ ସଞ୍ଚରେ
ମୋ ପାଇଁ, ମୋ ହୃଦୟରେ ଦ୍ରବେ ।

ଓଲଭରହାମ୍ପଟନ, ୟୁକେ

## ଆସିଛି ବସନ୍ତ

### ଚନ୍ଦ୍ରକାନ୍ତି ମଢେଇ

ମନ୍ଦ ମନ୍ଦ ମଳୟର ବାଜୁଛି ନୂପୁର
ତା ଶବଦେ ଚଉଦିଗ ଆନନ୍ଦେ ଅଧୀର ।
ପ୍ରୀତିର ପରାଗ ରେଣୁ ଖେଳେ ଲୁଚକାଳି
ପଳାଶର ଅଭିସାର ରଂଗ ତା ସୁନେଲୀ ।
କଳା କୋଇଲୀର କୁହୁ ଲାଗୁଅଛି ମିଠା
ସଭିଙ୍କ ତନୁରେ ଲାଗେ ଫଗୁଣର ଛିଟା ।
ମଧୁ ମାଳତୀର ରୂପେ ମୋହିତ ଭ୍ରମର
ଗୁଣୁଗୁଣୁ ସୁରେ ତା'ର ପ୍ରେମ ଭରପୁର ।
ନୟନ ବିସ୍ତାରି ଆଜି ଚାହୁଁଅଛି ଚନ୍ଦ୍ର
କାହିଁ ଗଲା ପ୍ରାଣ ପ୍ରିୟା ପ୍ରେୟସୀ କୁମୁଦ ।
ଭାବନାରେ ବିଭୋର ସେ କହିବ କେମିତି
ଅପେକ୍ଷାର ଅନ୍ତ ହୁଏ ପାହିଯାଏ ରାତି ।
ଝିଲିମିଲି ଶାଢ଼ି ପିନ୍ଧି ନାଚୁଛି କଳ୍ପନା
ବାରବାର ଦେଖୁଛି ସେ ସ୍ୱପ୍ନର ଆଇନା ।
ଅଙ୍ଗେ ଅଙ୍ଗେ ଭରିଛି ତା ପ୍ରୀତିର ମଦିରା
ଅନୁକ୍ଷଣେ ମଜ୍ଜି ରହେ ପ୍ରଣୟ ଅଧିରା ।
ଆମ୍ର କୁଞ୍ଜରେ ବଉଳ ବେଣୀର ସୁବାସ
ନାସାରନ୍ଧ୍ରେ ବାଜିଲେ ତା ଲାଗଇ ଉଲ୍ଲାସ ।
ଝରା ପତରରେ ଝରେ ଭାବର ଅମୃତ
ସଭିଙ୍କୁ ସେ କହୁଥାଏ ଆସିଛି ବସନ୍ତ
ଆସିଛି ବସନ୍ତ ।

ରଘୁନାଥପୁର, ବାରିପଦା ।

## ପ୍ରେମ ଦିବସ

### ସାରଦା ପ୍ରସାଦ ଆଚାର୍ଯ୍ୟ



ମୁଁ ପ୍ରେମୀ, ତୁ ପ୍ରେମୀ
ନେ ଗୋଲାପ ନେ,
ଦେ ଗୋଲାପ ଦେ,
ନେ ମୋ ବଂଶୀ ନେ ,
ଦେ ତୋ ଓଠ ଦେ ।

କଥା ଦେଉଛି,
ପ୍ରେମ ନେ, ପ୍ରୀତି ନେ
ଦେ ସଙ୍ଗୀତ ଦେ, ସ୍ୱର ଦେ
ଗୀତ ଲେଖିଦେବି ଛାତିରେ
ରାତି ପାହିଯିବ ସାରେ ଗା ମା ତାଳରେ ।

ଦେ ତୋ ମିଠାପଣ ଦେ,
ନେ ମୋ ମଧୁରତା ନେ ।

ପ୍ରେମର ପିତୁଳା ସାଇତି ରଖ,
ପ୍ରୀତି ପ୍ରଣୟର କବିତା ଲେଖ ।

ସାକ୍ଷୀ ରଖିଲି ହୃଦୟ ଦେଇ,
ପ୍ରୀତିର କୋଣାର୍କ ଗଢ଼ିବା ପାଇଁ ।

ତୁମ ଆଶ୍ଳେଷ ପାଇବି ଦିନେ,
ଆମ ପ୍ରେମ ଗୀତ ମନ ହରସେ ।

ଆଖିରେ ତୁମେ ରହିଛ ମୋର,
ଓଠ ଛୁଇଁଛି ଦେହ ପରଶ ।

ଆମ ପ୍ରେମ କାହାଣୀ ଅଭୁଲା ସ୍ମୃତି,
ତୁମ ହୃଦୟରେ ରହିଛି ନିତି ।

*ଯୋଡ଼ା କେନ୍ଦୁଝର,*
*୯୪୩୭୬୧୧୮୯୧*

## କଳଙ୍କିତ ନାୟକ

### ବନଜା ବିଶ୍ୱାଳ



ଜାବୁଡ଼ି ଧରିବାକୁ ସେମିତି
କିଛି ତ ନ ଥିଲା !
ପୁଣି ବି ତୁ ମୋତେ
ତୋ ସ୍ୱାର୍ଥ ପାଇଁ ଯୋଡ଼ି ଚାଲିଥିଲୁ
ତୋ କଳୁଷିତ ମାନସିକତା ମୁତାବିକ
ଯାହା ଇଚ୍ଛା ତାହା ସାଙ୍ଗରେ... ।

ସର୍ବଦା ମୁକ୍ତି ପଥର ପଥିକ ମୁଁ !
ମୁକ୍ତ ଆକାଶର ବିଶାଳ ଛାତିରେ
ଅନବରତ ମୁହଁ ଗୁଞ୍ଜି ଉଡ଼ିଚାଲେ
ମୋ ବିଶାଳତାର ଗନ୍ତବ୍ୟ ପଥରେ... ।

ହଁ ହୋଇପାରେ ତୋ କଳ୍ପନା ଛବିରେ !
ମୁଁ ସବୁଠୁ କଳଙ୍କିତ କଳୁଷିତ ଚରିତ୍ରଟେ
ସେ କଳଙ୍କର କାଳିମାରେ କଳଙ୍କିତ
ନୁହେଁ କି ତୋ ହସ୍ତ ଆଉ ତୋ ସ୍ୱାର୍ଥ... ?
ଆପଣାର ଖୁସି ପାଇଁ
ଜୀଇଁ ଯଦି ଜାଳି ପାରୁ ଆନେ,
ନୁହେଁ କି ତୁ କଳଙ୍କିତ ନାୟକ ?

ମୋ ସତ୍ୟ କିନ୍ତୁ ବିଲକୁଲ ନିଆରା !

ଯୋଡ଼ି ହୋଇ ରହେ ନିଜ ଆତ୍ମା ସଙ୍ଗେ
ଠିକ୍ ସେହି ଅମରପକ୍ଷୀର ଅପେକ୍ଷାରେ
ଯିଏ ମୋ ପରି ପୁନଃ ସୃଷ୍ଟି ହୁଏ ନିଜ ଚିତାଗ୍ନିରୁ... ।

ଜାବୁଡ଼ି ଧରିବାକୁ ସେମିତି କିଛି ବି ତ ନାହିଁ !
ତୋ ସମଗ୍ର କଥା, କାହାଣୀ ଓ ସତ୍ତାରେ
ତୁ ବିଷାକ୍ତ ପରିତ୍ୟଜ୍ୟ ଅସହନୀୟ
ମୁଁ ଜ୍ୱଳନ୍ତ ଉତ୍ତପ୍ତ ମୋ ନିଜର ଚିତାଗ୍ନିରେ... ।

ଭାଣପୁର,ଗୋପାଳପୁର
କଟକ-୧୧
ମୋ-୮୧୪୪୫୫୭୦୬୧

## ମହାଶିବରାତ୍ରି

### ନୀଳମଣି ଚାନ୍ଦ

ବାର ମାସେ ଆମ ତେର ପରବରେ
ଭକତି ଭାବରେ ପାଳୁ
ମହାଶିବରାତ୍ରି ଆସିଲେ ଶ୍ରଦ୍ଧାରେ
ଆମେ ସିନା ଦୀପ ଜାଳୁ ।
ରାତ୍ରି ଉଜାଗର ହୋଇ ଜଳାଯାଏ
ତେଣୁ ଜାଗର ତା ନାମ
ଶିବମନ୍ଦିରର ବେଢ଼ାରେ ହୁଅଇ
ଭକ୍ତଙ୍କର ସମାଗମ ।
ଦୀପ ଜଳାଯାଏ ମହାଦୀପଟି ତ
ଚୂଡ଼ାକୁ ଉଠିବା ଯାଏ
ହରିବୋଲ ହୁଳହୁଳି ଶବଦରେ
ବେଢ଼ାଟି ଯେ କମ୍ପୁଥାଏ ।
ମହାଶିବରାତ୍ରି ମହାଦେବଙ୍କର
ଜାଣୁରେ ଜନମଦିନ
ଧରା ଉଦ୍ଧାରଣ ପାଇଁ କରିଥିଲେ
ସିଏରେ ଗରଳ ପାନ ।
ତାଙ୍କରି ଦର୍ଶନ କଲେ ଏହି ଦିନ
ପାତକଟି ଦୂର ହୁଏ
ପୂଜା ପାଇଁ ଲୋଡ଼ା କେତକୀ, ଅରଖ
ଜମା ଭୁଲିବାର ନୁହେଁ ।
ଧରାବାସୀ ମିଳି ମହାଶିବରାତ୍ରି



ଦେବେରେ ପାଳନ କରି
ଦେବ ଦେବ ମହାଦେବ ଶିବ ଶମ୍ଭୁ
ନେବେ ଧରା ଦୁଃଖ ହରି ।

ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ: ୯୫୮୩୨୦୨୩୫୭

## !! ଇନ୍ଦୁ !!

### କୈଳାସ ଚନ୍ଦ୍ର ସାହାଣୀ

କେଉଁ ପୂନେଇର ଶରଗ ଶଶୀ ସେ ଗ୍ରହଣ ଲାଗିଲା ଦେହେ,
ଅମେଇଷା ରାତି ଭୀତି ଜଗାଇଲା ଭିଜିଲା ପଣତ ଲୁହେ ।
କେଉଁ ଚଇତାଳି ଚାନ୍ଦିନୀ ରାତିରେ ଲେଖିଲା ଜୀବନ ବେଦ,
ଅସୁମାରୀ ଦୁଃଖ ଯାତନା ଜୁଇରେ ହରାଇ ବସିଲା ଛନ୍ଦ ।

କୁଆଁରୀ ଆଖିର ସୁନେଲି ସପନ ସମାଧି ନେଲା କି ଧୀରେ,
ମମତା ମଧୁରେ ବିଷ କେ ଭରିଲା ଜୀବନର ଅଭିସାରେ ।
ପଥ ପ୍ରାନ୍ତେ କେତେ ଦେଖିଲା ଜୀବନ ଅକାଳେ ପଡୁଛି ଝଡି,
ମାଟିର ମଣିଷ ମାଟି ହୋଇଯାଏ ବୃନ୍ତ ଚ୍ୟୁତ ହୁଏ କଢ଼ି !

ଶିକ୍ଷାର ନିଳୟ ଖୋଲି ଦେଲା ଆଖି ଜଳଜଳ ସବୁ ଦିଶେ,
ଶୋଷଣ କଷଣ ପୀଡନର ପୀଡା ଚେତନା ନଈରେ ଭାସେ ।
ସାମ୍ୟବାଦ ନାରା ଜୀବନର ଧାରା ବଦଳାଏ ଅକସ୍ମାତ ,
ମାଓବାଦ କେଉଁ ଘଞ୍ଚ ବନାନୀର ସ୍ୱର ଶୁଭେ ଅବିରତ ।

ଏ କୂଳ ସେ କୂଳ ଜୀବନ ପହଁରେ ମିଳେ ନାହିଁ କାହିଁ ଥଳ,
ପୂନେଇର ଇନ୍ଦୁ ଆକାଶେ ଉଇଁଛି ବିଶ୍ୱାସ ଅଟଇ ମୂଳ ।।

୯୪୩୭୮୪୩୨୧୯
ବଡବିଲ, କେନ୍ଦୁଝର

## ଅଭିସାର

### ଡ. ଦୀପକ କୁମାର ମିଶ୍ର

ଇଚ୍ଛାମାନଙ୍କୁ ପାଟପଣତରେ ବାନ୍ଧି ଅଭିଷେକ କଲାବେଳେ
ଜମାରୁ ସଂଶୋଧନ ଚାହୁଁ ନଥିବା
ଚମତ୍କାର ଚୁମାଗୁଡ଼ିକ
କେମିତି ଲାଜେଇ ଯାଇଥିଲେ ସେଦିନ
ଅଲାଜୁକୀ ଜହ୍ନ ଓ ଜ୍ୟୋତ୍ସ୍ନା ସମ୍ମୁଖରେ...
ଜାଣିଛ ନା
ତାହା ଏବେ ବି ଖୁବ୍ ମନେପଡ଼େ ।

ନାହିଁ କହୁ କହୁ ବି ଛାତିତଳ ଯୁଦ୍ଧର ବିଗୁଲ
ବାଜିଉଠିଥିଲା ଆପେ ଆପେ ବିନା ନିର୍ଦ୍ଦେଶରେ
ଅସ୍ପରା ଅସ୍ପରା ବାସୁଥିବା
ତୁମ ଅପାସୋରା ସ୍ୱପ୍ନିଳ ଆଖି
ମହକି ଉଠିଥିଲା ଏକାକାର ଐଶ୍ୱର୍ଯ୍ୟର
ଅଦ୍ଭୁତ ବାସ୍ନାରେ
ଶବ୍ଦମାନଙ୍କୁ ତତ୍କାଳ ହତ୍ୟା କରିଥିବା ଓଠରେ
ଲିପିବଦ୍ଧ ଥିଲା ଆତ୍ମସମର୍ପଣର ଏକ ନିର୍ଭୁଲ ଆବେଦନପତ୍ର ।

ସେହି ଲୁକ୍କାୟିତ ପ୍ରଥମ ଅଭିସାରର
ନିଛାଟିଆ ଗୋପନ ତୁଠରେ
ଏବେ ତୁମେ ନାହଁ କି ମୁଁ ବି ନାହିଁ
କିନ୍ତୁ ରହିଯାଇଛି
ଅମୂଲ୍ୟ ଫସିଲର ଲମ୍ବା ଲାଲ ଫର୍ଦ୍ଦଟିଏ ।

ତୁମ ଆଖିରେ ଡେଉଁଥିଲା ଭୟ ଓ ଜୟରେ ଧାଉଁଥିବା
ଏକ ହରିଣୀର ଚିତ୍ର
ତୁମ କପାଳର କୁଞ୍ଚିତ ତ୍ୱଚାରୁ ଝରୁଥିଲା
କାକର ଓ କଦମ୍ବର କେଳି ମିଶ୍ରରାଗ
ତୁମ ଛାତିର ସ୍ପନ୍ଦନରୁ
ଶୁଭୁଥିଲା ଶୀତ୍କାର ଓ ସାହାନାଇର ସତେଜ ଶୃଙ୍ଗାର
ତୁମର ସବୁ ନା ହଁ ଥିଲା
ଆଉ ସବୁ ହଁ ର ସ୍ୱୀକାରୋକ୍ତିରେ ଶୋଭିତ ଥିଲା
ସଂକ୍ଷେପରେ ସାଂକେତିକ ବିରଳ ସାହିତ୍ୟ ।

ପ୍ରଥମ ଅଭିସାରର ଏକବିଂଶ ସଂସ୍କରଣଟି
ମୁକ୍ତିଲାଭ କରିଥିଲା ଏଇ ଏବେ ଏବେ
ଠିକ୍ ସେହି ମୁକ୍ତ ଆକାଶର ଘଞ୍ଚ ସବୁଜ ମଞ୍ଚରେ
ଥିଲେ କିଛି ତାରା, ତରଙ୍ଗ ଓ ତୃଷ୍ଣା
ହେଲେ ଦୁର୍ଭାଗ୍ୟବଶତଃ
ଆମ ଦୁହିଁଙ୍କ ଭିତରୁ କେହି ବି ନଥିଲେ ସେଠାରେ ।

ଭୁବନେଶ୍ୱର
୮୨୮୦୨୧୧୦୦୦

## ଛବି

### ସ୍ନିଗ୍ଧା ପଣ୍ଡା

ଆଙ୍କିବାକୁ କୁହ କି ନ କୁହ
ପଞ୍ଚମ ଶ୍ରେଣୀରେ ପଢୁଥିବା ଛବି
ଖାତାରେ ସବୁବେଳେ ଗୋଟେ ଛବି ଆଙ୍କେ
ଉଞ୍ଚା କାନ୍ଥର
ପାଖକରେ ଗୋଟେ ମୋଟା ଡିମା ଆଖିଆ ଅସୁର
ଆଉ ପାଖକରେ କୁନିଝିଅ
ଯାହା ଓଠରେ ହସ ନାହିଁ
ଆଖିରେ ସ୍ୱପ୍ନ ନାହିଁ
ଦେହରେ କ୍ଷତ ନାହିଁ
ଅଥଚ ଝରି ଆସୁଛି ରକ୍ତ ।

ଅନେକ ଥର ପଚାରିଲା ପରେ ବି ସେ ଚୁପ୍ ରହେ
କେବେକେବେ
ଓଠ ଦୁଇଟି ଥରି ଉଠି ପୁଣି ସ୍ଥିର ହୋଇଯାଏ ।

ଅନେକ ଦିନ ପରେ
ସାଙ୍ଗ ବୋଲି ମାନିନେଲା ପରେ
କିଛି କିଛି ବୁଝାଗଲା
ବହୁତ ଦିନ ଆଗରୁ ଛବି ବଜାର ଯାଉଥିଲା
ବାପାଙ୍କ କାନ୍ଧରେ ବସି
ଯାହାକୁ ଦେଖିଲେ
ଚିହ୍ନା ଚିହ୍ନା ହସ ମୁଠେ ବିଞ୍ଚି ଦେଉଥିଲା
ମା'ର ନାନାବାୟା ଗୀତରେ ଶୋଇଯାଉଥିଲା ।

ଏବେ ଆଉ ସେ ବଜାର ଯାଏ ନାହିଁ
ସ୍କୁଲ୍ ଆସେ ।

ଘରେ ଥିଲେ
ଶୁଏ ନାହିଁ କି ଶୋଇପାରେ ନାହିଁ

ସାରା ଦିନ ଅଗଣାର ଚଢ଼େଇକୁ ଖୁଦ ଫିଙ୍ଗୁଥାଏ
ସାରା ରାତି ଛାତକୁ ଚାହିଁରହିଥାଏ ।



ଯେଉଁ ଘରେ ନିଶ୍ଚିନ୍ତରେ ଛବି ଶୋଇଯାଉଥିଲା
ଏବେ ସେଇ ଘର ତାକୁ ଡର ମାଡେ
ଘରଭିତରେ ଥାଏ ତା'ର ଖେଳଣା ସବୁ
ଘର ବାହାରେ ଥାଏ
ଖୋଳପା ମଡେଇ ହେଇଥିବା ଛାଇଟିଏ ।

ବାପା ଥିଲେ ମାଆ ଥିଲେ
ଛାଇ ତାକୁ ଆଦର କରେ
ଖେଳଣା ଆଣିଦିଏ
ଚକୋଲେଟ୍ ଆଣିଦିଏ
କେହି ନ ଥିଲାବେଳେ ଖୋଳପା ଖସିପଡେ
ଛାଇର ହାତ, ଓଠ ଲମ୍ବିଆସେ ତା'ଆଡକୁ
ଭୟରେ ସେ ଚିତ୍କାର କଲାବେଳେ
ଜିଭରୁ ତଣ୍ଟିଯାଏଁ ଅଠା ଲାଗିଯାଏ
ଛବି ଆଶ୍ଚର୍ଯ୍ୟ ହୁଏ
ଖୋଳପା ଭିତରେ ଓ ବାହାରେ ଛାଇ କେମିତି ଅଲଗା ହୁଏ ।

ଛାଇର ବଦଳୁଥିବା ରୂପ
ଦେଖିପାରେନି ମାଆ
ବୁଝିପାରେନି ବାପା ।

ମତେ କିନ୍ତୁ ଛବିର ଭୟକୁ ବିଶ୍ୱାସ କରିବାର ଅଛି
ଛବି ସହିତ ଆଜି ଥାନାକୁ ଯିବାର ଅଛି ।

ଲହଣ୍ଡା-୭୬୮୧୧୧
ବରଗଡ଼

32 YEARS
ସମ୍ବାଦ କଳିକା



# ଟି-୨୦ ବିଶ୍ୱକପ୍

## ଓମାନକୁ ୧୦୫ ରନରେ ହରାଇଲା ଶ୍ରୀଲଙ୍କା



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ଓମାନକୁ ୧୦୫ ରନରେ ପରାସ୍ତ କରିଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୨୦ ଓଭରରେ ୨୨୫ ରନର ବିଶାଳ ସ୍କୋର କରିଥିଲା, ଯାହା ଏହି ସଂସ୍କରଣରେ ଏପର୍ଯ୍ୟନ୍ତ ସର୍ବାଧିକ ସ୍କୋର। ଅଧିନାୟକ ଦାସୁନ ଶାନାକା ୨୫୦ ଷ୍ଟ୍ରାଇକ୍ ରେଟ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଲକ୍ଷ୍ୟ ପିଛା କରି ଓମାନ ୨୦ ଓଭରରେ କେବଳ ୧୨୦ ରନ କରିପାରିଥିଲା।

ଏହା ଶ୍ରୀଲଙ୍କା କ୍ରିକେଟ ଦଳର ଦ୍ୱିତୀୟ ସର୍ବାଧିକ ବିଜୟ। ଶ୍ରୀଲଙ୍କା ଟି-୨୦ ବିଶ୍ୱକପ ଇତିହାସରେ ରନରେ ସର୍ବବୃହତ ବିଜୟର ରେକର୍ଡ ମଧ୍ୟ ରଖିଛି। ୨୦୦୭ ମସିହାରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୧୭୨ ରନରେ ବିଜୟୀ ହୋଇଥିଲା, ଯାହା ଏକ ଅତୁଟ ରେକର୍ଡ।

ପ୍ରଥମେ ବ୍ୟାଟିଂ କରୁଥିବା ଶ୍ରୀଲଙ୍କାର ଆରମ୍ଭ ଭଲ ନଥିଲା, ପାୱାରପ୍ଲେରେ ଉଭୟ ଓପନରଙ୍କୁ ହରାଇଥିଲା। ପଥୁମ ନିସାଙ୍କ ୧୩ ଏବଂ କାମିଲ ମିଶ୍ରା ୮ ରନ କରି ଆଉଟ ହୋଇଥିଲେ। ଏହାପରେ କୁସାଲ ମେଣ୍ଡିସ ଏବଂ ପବନ ରତ୍ନାୟକେ ୯୪ ରନର ଭାଗୀଦାରି କରିଥିଲେ, ଉଭୟେ ସେମାନଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ମେଣ୍ଡିସ ୪୫ ବଲରୁ ୭ ଚୌକା ସହିତ ୬୧ ରନ କରିଥିଲେ, ଏବଂ ପବନ ୨୮ ବଲରୁ ୨୧୪ ଷ୍ଟ୍ରାଇକ ରେଟରେ ୬୦ ରନ କରିଥିଲେ। ଏହି ଇନିଂସରେ ସେ ୧ ଛକା ଏବଂ ୮ ଚୌକା ମାରିଥିଲେ।

ଅଧିନାୟକ ଦାସୁନ ଶାନାକା ତା'ପରେ ଏକ ଧମାକାଦାର ଇନିଂସ ଖେଳି ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ସେ ୨୦ ବଲରୁ ୫୦ ରନ କରିଥିଲେ, ଯେଉଁଥିରେ ୫ ଛକା ଏବଂ ୨ ଚୌକା ଥିଲା। କାମିନ୍ଦୁ ମେଣ୍ଡିସ ୭ ବଲରୁ ୧୯ ରନ କରି ସ୍କୋରକୁ ୨୨୫ ରନରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ୯୩ ରନରେ ନାମିବିଆକୁ ପରାସ୍ତ କଲା ଭାରତ

**ନୂଆଦିଲ୍ଲୀ**

ଟି୨୦ ବିଶ୍ୱକପ ୨୦୨୬ରେ ଭାରତୀୟ ଦଳ ନିଜର ଦବ୍‌ଦବା ବଜାୟ ରଖିଛି। ଗୁରୁବାର ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏ ମ୍ୟାଚରେ ଭାରତ ନାମିବିଆକୁ ୯୩ ରନର ଏକ ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଟି୨୦ ବିଶ୍ୱକପ ଇତିହାସରେ ରନ୍ ହିସାବରେ ଏହା ଭାରତର ସର୍ବବୃହତ ବିଜୟ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଓପନର୍ ଇଶାନ କିଷାନଙ୍କ ବିସ୍ଫୋରକ ବ୍ୟାଟିଂ ପରେ ବୋଲରଙ୍କ ଶାଣିତ ବୋଲିଂ ବଳରେ ଭାରତ ଏହି ସଫଳତା ପାଇଛି।



ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୦୯ ରନ୍ ସଂଗ୍ରହ କରିଥିଲା। ଇଶାନ ମାତ୍ର ୨୪ ବଲରୁ ୬୧ ରନର ଏକ ଧୂଆଁଧାର ପାଳି ଖେଳିଥିଲେ। ପରେ ହାର୍ଦ୍ଦିକ ପାଣ୍ଡ୍ୟା ୨୮ ବଲରୁ ୫୨ ରନ୍ କରି ଭାରତକୁ ୨୦୦ ଅତିକ୍ରମ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପ୍ରାରମ୍ଭରେ ସଞ୍ଜୁ ସାମସନ ୮ ବଲରୁ ୨୨ ରନ୍ କରି ଆଉଟ୍ ହୋଇଥିଲେ।

୨୧୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ନାମିବିଆ ଦଳ ମାତ୍ର ୧୧୬ ରନରେ ଅଲ୍-ଆଉଟ୍ ହୋଇଯାଇଥିଲା। ବ୍ୟାଟିଂ ପରେ ବୋଲିଂରେ ମଧ୍ୟ ହାର୍ଦ୍ଦିକ ନିଜର ଜଲୱା ଦେଖାଇ ୨୧ ରନ୍ ଦେଇ ୨ଟି ୱିକେଟ ନେଇଥିଲେ। ସେ ମ୍ୟାଚ୍‌ରେ ହାଟ୍ରିକ୍ ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇନଥିଲେ। ନାମିବିଆର ମଧ୍ୟକ୍ରମକୁ ଧ୍ୱସ୍ତ କରି ବରୁଣ ସର୍ବାଧିକ ୩ଟି ୱିକେଟ ହାସଲ କରିଥିଲେ। ଶେଷରେ ଜେନ୍ ଗ୍ରୀନ୍ ଶିବମ ଦୁବେଙ୍କ ବଲରେ ରିଭର୍ସ ସୁଇପ୍ ଖେଳିବାକୁ ଯାଇ 'ହିଟ୍-ୱିକେଟ୍' ହେବା ସହ ନାମିବିଆର ପରାଜୟ ସୁନିଶ୍ଚିତ ହୋଇଥିଲା।

ଏହି ବିଜୟ ସହ ଭାରତ ଚଳିତ ବିଶ୍ୱକପରେ ଲଗାତାର ଦ୍ୱିତୀୟ ବିଜୟ ପଞ୍ଜିକୃତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଛି। ଭାରତ ଏବେ ନିଜର ପରବର୍ତ୍ତୀ ହାଇ-ଭୋଲଟେଜ୍ ମ୍ୟାଚରେ ପାକିସ୍ତାନର ସାମ୍ନା କରିବ।

## ପାକିସ୍ତାନ ସୁପର ଲିଗ୍‌ରୁ ଓହରିଲେ ଆଫଗାନିସ୍ତାନ ଖେଳାଳି



**ନୂଆଦିଲ୍ଲୀ**

ପାକିସ୍ତାନ ସୁପର ଲିଗ୍ (ପିଏସଏଲ)ର ୧୧ତମ ସଂସ୍କରଣ ନିଲାମ ପୂର୍ବରୁ ବଡ଼ ବିବାଦ ଦେଖାଦେଇଛି। ଆଫଗାନିସ୍ତାନର ଷ୍ଟାର୍ କ୍ରିକେଟରମାନେ ଶେଷ ମୂହୁର୍ତ୍ତରେ ଏହି ନିଲାମରୁ ନିଜ ନାମ ପ୍ରତ୍ୟାହାର କରିନେଇଛନ୍ତି। ଦୁଇ ଦେଶ ମଧ୍ୟରେ ଖରାପ ହେଉଥିବା କୂଟନୈତିକ ସମ୍ପର୍କ ଏବଂ ସୋସିଆଲ ମିଡିଆରେ ଜାରି ରହିଥିବା ବିରୋଧ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆଫଗାନିସ୍ତାନର ବିସ୍ଫୋରକ ଓପନର୍ ରହମାନୁଲ୍ଲା ଗୁରବାଜଙ୍କୁ ପେଶାୱାର ଜାଲମି ଫ୍ରାଞ୍ଚାଇଜ୍ ସିଧାସଳଖ ଚୁକ୍ତିବଦ୍ଧ କରିବା ପରେ ବିବାଦ ଆରମ୍ଭ ହୋଇଥିଲା। ଏହି ଚୁକ୍ତିକୁ ନେଇ ସୋସିଆଲ ମିଡିଆରେ ପ୍ରବଳ ବିରୋଧ ହେବା ସହ ଗୁରବାଜ ନିଜକୁ ଲିଗ୍‌ରୁ ଦୂରେଇ ରଖିଥିଲେ। ଏହି ଘଟଣା ପରେ ଅନ୍ୟ ଆଫଗାନିସ୍ତାନ ଖେଳାଳିମାନେ ମଧ୍ୟ ସମାନ ପରିସ୍ଥିତିର ସାମ୍ନା କରିବା ଭୟରେ ନିଲାମରୁ ଓହରି ଯାଇଥିଲେ।

ପ୍ରଥମେ ନିଲାମ ପାଇଁ ପଞ୍ଜିକୃତ କରିଥିବା କିନ୍ତୁ ପରେ ଓହରି ଯାଇଥିବା ପ୍ରମୁଖ ଖେଳାଳିମାନେ ହେଲେ ମହମ୍ମଦ ନବୀ, ମୁଜିବ୍ ଉର ରହମାନ, ଫଜଲ ହକ୍ ଫାରୁକି, ସେଦ୍ଦିକୁଲ୍ଲା ଅଟଲ୍ ଏବଂ ୱାକାର ସଲାମଖେଲ୍।

ଏହି ଘଟଣା ପରେ ପିଏସଏଲ୍‌ର ସିଇଓ ସଲମାନ ନାସିର ସ୍ୱୀକାର କରିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଥିବା ତିକ୍ତ ସମ୍ପର୍କର ପ୍ରଭାବ ନିଲାମ ଉପରେ ପଡ଼ିଛି। ସେ କହିଛନ୍ତି "ଗୁରବାଜଙ୍କୁ ଦଳରେ ସାମିଲ କରିବା ପରେ ସୋସିଆଲ ମିଡିଆରେ ବ୍ୟାପକ ବିରୋଧ ହୋଇଥିଲା। ଏହି କାରଣରୁ ଗୁରବାଜ ନିଜକୁ ବାଦ୍ ଦେଲେ ଏବଂ ଅନ୍ୟ ଖେଳାଳିମାନେ ମଧ୍ୟ ଏହି ବିବାଦରୁ ବର୍ତ୍ତିବା ପାଇଁ ନିଲାମରୁ ଦୂରେଇ ରହିବାକୁ ଶ୍ରେୟସ୍କର ମଣିଲେ।" ତେବେ କିଛି ଆଫଗାନିସ୍ତାନ ଖେଳାଳି ନିଲାମ ତାଲିକାରେ ଥିଲେ ମଧ୍ୟ କୌଣସି ଫ୍ରାଞ୍ଚାଇଜ୍ ସେମାନଙ୍କୁ କିଣିବା ପାଇଁ ଆଗ୍ରହ ଦେଖାଇନଥିବା ସେ ଦାବି କରିଛନ୍ତି।

ଗତ ବର୍ଷ ଶେଷ ଭାଗରେ ପାକିସ୍ତାନ ସେନା ଆଫଗାନିସ୍ତାନର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏୟାର ଷ୍ଟ୍ରାଇକ୍ କରିବା ପରେ ଦୁଇ ଦେଶର ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଆଫଗାନିସ୍ତାନ ଖେଳାଳିମାନେ ପାକିସ୍ତାନ ସରକାରଙ୍କୁ ସୋସିଆଲ ମିଡିଆରେ କଡ଼ା ସମାଲୋଚନା କରିଥିଲେ, ଯାହା ଏବେ ଖେଳ ମଇଦାନରେ ମଧ୍ୟ ପ୍ରତିଫଳିତ ହେଉଛି।

## ମାଡ୍ରାସ କୋର୍ଟରେ ୧୦ ଲକ୍ଷ ଜମା କରିବେ ଏମଏସ ଧୋନୀ

**ଚେନ୍ନାଇ**

ମାଡ୍ରାସ କୋର୍ଟରେ ପୂର୍ବତନ ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନୀ ଦେବେ ୧୦ ଲକ୍ଷ। ମାଡ୍ରାସ କୋର୍ଟ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। ଏକ ମାନହାନୀ ମାମଲାରେ କିଛି ଖାସ୍ କାଗଜ ପତ୍ର ଖର୍ଚ୍ଚ ପାଇଁ ଏହି ଅର୍ଥ ଜମା କରିବେ ମାହି। କୋର୍ଟ ପକ୍ଷରୁ ଏଭଳି କୁହାଯାଇ ଥିବାବେଳେ ତାଙ୍କ ସମୟ ଦିଆଯାଇଛି।

୨୦୧୩ ମସିହାରେ ଆଇପିଏଲରେ ମ୍ୟାଚ୍ ଫିକ୍ସିଂ ଏବଂ ଜୁଆ ସହ ଜଡ଼ିତ ଏକ ମାମଲାରେ ଧୋନୀ ତିନି ଜଣଙ୍କ ନାଁରେ ଏହି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏକ ମିଡିଆ କମ୍ପାନୀ, ଜଣେ ଆଇପିଏସ ଅଧିକାରୀ ଏବଂ ଅନ୍ୟ ଜଣଙ୍କ ବିରୋଧରେ ଏହି ମାମଲା କରିଛନ୍ତି। ଧୋନୀଙ୍କୁ ମ୍ୟାଚ ଫିକ୍ସିଂ ମାମଲାରେ ଏମାନେ ଟାଣିଥିଲେ। ଯେଉଁ କାରଣରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଏହି ମାମଲା ବିଚାରାଧିନ ରହିଛି। ତେବେ ଧୋନୀ ଆସନ୍ତା ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ଏହି ଟଙ୍କା ପୈଠ କରିବାକୁ ଆଦେଶ ଦିଆଯାଇଛି। ସେ ଏକ ସିଡି ମଧ୍ୟ କୋର୍ଟରେ ଦାଖଲ କରିଛନ୍ତି। ଯାହା ଉପରେ ମଧ୍ୟ ବିଚାର କରାଯାଉଛି।



କହି ରଖୁଛୁ କି, ମହେନ୍ଦ୍ର ସିଂହ ଧୋନୀ ହେଉଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ। ତାଙ୍କ ଅଧିନାୟକତ୍ୱରେ ଭାରତ ଦୁଇଟି ବିଶ୍ୱକପ ଜିତିଛି। ୨୦୦୭ ଟି-୨୦ ଏବଂ ୨୦୧୧ ମସିହାରେ ଦିନିକିଆ ବିଶ୍ୱକପ ଜିତିଛି। କ୍ରିକେଟର ତିନୋଟି ଯାକ ଫର୍ମାଟରୁ ଅବସର ଘୋଷଣା କରିସାରିଥିବା ଧୋନୀ ଏବେ କେବଳ ଆଇପିଏଲରେ ଖେଳ ଜାରି ରଖିଛନ୍ତି। ୪୩ ବର୍ଷୀୟ ଧୋନୀଙ୍କ ଗୋଟିଏ ଝଲକ ପାଇବା ପାଇଁ ଏବେ ମଧ୍ୟ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଜମୁଛି। ଯେଉଁ ଷ୍ଟାଡିୟମରେ ଖେଳ ହେଲେ ମଧ୍ୟ ତାଙ୍କୁ ସମର୍ଥନ ଜଣାଇବା ପାଇଁ ଫ୍ୟାନ୍ସମାନେ ପହଞ୍ଚିଥାନ୍ତି।

## ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଇଟାଲିର ପ୍ରଥମ ବିଜୟ

**ମୁମ୍ବାଇ**

ପ୍ରଥମ ଥର ପାଇଁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳୁଥିବା ଇଟାଲି ନିଜର ପ୍ରଥମ ବିଜୟ ହାସଲ କରିଛି। ଗୁରୁବାର ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ଏହି ଦଳ ନେପାଳକୁ ୧୦ ୱିକେଟ୍‌ରେ ପରାସ୍ତ କରି ଏକତରଫା ବିଜୟ ହାସଲ କରିଛି। ନେପାଳ ଦ୍ୱାରା ରଖାଯାଇଥିବା ୧୨୪ ରନର ଲକ୍ଷ୍ୟକୁ ମାତ୍ର ୧୨.୪ ଓଭରରେ କୌଣସି ୱିକେଟ୍ ନ ହରାଇ ହାସଲ କରିନେଇଥିଲା ଏହି ୟୁରୋପୀୟ ଦଳ। ଇଟାଲି ଟସ୍ ଜିତି ବ୍ୟାଟିଂ କରିବାକୁ ନେପାଳକୁ ଆମନ୍ତ୍ରଣ କରିଥିଲା।

୮ ରନରେ ନିଜର ପ୍ରଥମ ୱିକେଟ୍ ହରାଇଥିବା ନେପାଳ ପାଇଁ ଆସିଫ ଶେଖ୍ (୨୦) ଓ ରୋହିତ ପୌଡେଲ୍ (୨୩) ସ୍ଥିତିକୁ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ଉଭୟ ୪୧ ରନର ଏକ ଭାଗୀଦାର କରିଥିଲେ। ପରେ ଦୀପେନ୍ଦ୍ର ସିଂହ ଆଇରି ଓ ଆରିଫ୍ ଶେଖ୍‌ଙ୍କ ମଧ୍ୟରେ ୪୪ ରନର ଏକ ଭାଗୀଦାର ହୋଇଥିଲା। କିନ୍ତୁ ଏହା ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଚାଲିଥିଲା ଓ ୧୯.୩ ଓଭରରେ ୧୨୩ ରନ କରି ଅଲଆଉଟ୍ ହୋଇଯାଇଥିଲା।

ଇଟାଲି ପକ୍ଷରୁ କ୍ରିସାନ କାଲୁଗାମାଗେ ୩ଟି ୱିକେଟ୍ ନେଇଥିଲେ। ୧୨୪ ରନ ଲକ୍ଷ୍ୟକୁ ଇଟାଲିର ଦୁଇ ପ୍ରାରମ୍ଭିକ ବ୍ୟାଟର ତଥା ଦୁଇଭାଇ ଜଷ୍ଟିନ ମୋସ୍କା (୬୦) ଓ ଆନ୍ଥୋନି ମୋସ୍କା (୬୨) ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୨.୪ ଓଭରରେ ହାସଲ କରିନେଇଥିଲେ।

## ଗୋଟିଏ ଟେବୁଲରେ ବସିବେ ବିସିସିଆଇ ପିସିବି : ଆଇସିସି

**ନୂଆଦିଲ୍ଲୀ**

ପାକିସ୍ତାନ ୨୦୨୬ ଟି୨୦ ବିଶ୍ୱକପରେ ଭାରତ ସହିତ ଖେଳିବାକୁ ରାଜି ହୋଇଛି। ଲାହୋରରେ ଆଇସିସି, ବିସିବି ଏବଂ ପିସିବି ମଧ୍ୟରେ ଏକ ବୈଠକ ପରେ ଏହା ସମ୍ଭବ ହୋଇଛି। ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସଲାମ ଏବେ ଘୋଷଣା କରିଛନ୍ତି ଯେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପାଞ୍ଚଟି ପ୍ରମୁଖ ଏସୀୟ କ୍ରିକେଟ ଦେଶକୁ ନିମନ୍ତ୍ରଣ କରିଛି। ସେ କହିଛନ୍ତି ଯେ ଏହି ବୈଠକ ଫେବୃୟାରୀ ୧୫ ତାରିଖରେ କଲମ୍ବୋରେ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ସମୟରେ ହେବ। ଏକ ସାକ୍ଷାତକାରରେ ଅମିନୁଲ ଇସଲାମ କହିଛନ୍ତି ଯେ ଆଇସିସି ପାଞ୍ଚଟି ଏସୀୟ ଦେଶ ମଧ୍ୟରେ ଏକ ବୈଠକ ଚାହୁଁଛି। ବିସିବି ସଭାପତି କହିଛନ୍ତି, ପାକିସ୍ତାନ କେବଳ ଭାରତ ବିପକ୍ଷ ମ୍ୟାଚ ନୁହେଁ ବରଂ ସମ୍ପୂର୍ଣ୍ଣ ଟି୨୦ ବିଶ୍ୱକପ ୨୦୨୬ ଟୁର୍ଣ୍ଣାମେଣ୍ଟକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇସାରିଥିଲା। ଅମିନୁଲ ଏହା ମଧ୍ୟ ଦାବି କରିଛନ୍ତି ଯେ ସେ ବ୍ୟକ୍ତିଗତ ଭାବରେ ମୋହସିନ ନକ୍‌ଭିଙ୍କୁ ବର୍ଜନର ସମ୍ଭାବ୍ୟ ପରିଣାମ ବିଷୟରେ ବୁଝାଇଥିଲେ। ମନେରଖିବା ଉଚିତ ଯେ ଲାହୋର ବୈଠକରେ ପାକିସ୍ତାନ ଆଇସିସି ନିକଟରେ ଅନେକ ଦାବି ଉପସ୍ଥାପନ କରିଥିଲା। ସେଥିମଧ୍ୟରୁ ବାଂଲାଦେଶକୁ କ୍ଷତିପୂରଣ ଦାବି ଗ୍ରହଣ କରାଯାଇଥିଲା ଏବଂ ଏହା ମଧ୍ୟ କୁହାଯାଇଥିଲା ଯେ ଆଇସିସି ରାଜସ୍ୱରେ ପାକିସ୍ତାନର ଅଂଶ ବୃଦ୍ଧି ପାଇଁ ବିଚାର କରାଯିବ। ଫେବୃୟାରୀ ୧୫ ତାରିଖରେ ଆଇସିସିର ପ୍ରସ୍ତାବିତ ବୈଠକର ଉଦ୍ଦେଶ୍ୟ ଏବଂ ଆଲୋଚନା ହେବାକୁ ଥିବା ପ୍ରସଙ୍ଗଗୁଡ଼ିକ ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ତଥାପି, ଅମିନୁଲ ଇସଲାମ କହିଛନ୍ତି ଯେ ଏହି ବୈଠକ ପାକିସ୍ତାନ, ଭାରତ ଏବଂ ବାଂଲାଦେଶ ମଧ୍ୟରେ କ୍ରିକେଟ ସମ୍ପର୍କକୁ ଉନ୍ନତ କରିବାକୁ ଚେଷ୍ଟା କରିବ, ଯାହା ବୟକଟ ବିବାଦ ଯୋଗୁ ଖରାପ ହୋଇଛି।

## ଯୁବା ବାସ୍କେଟ୍‌ବଲ୍ ଓପନ୍ ୧୪ରୁ : ଜର୍ସି ଓ ଟ୍ରଫି ଉନ୍ମୋଚିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ସହିଦନଗରସ୍ଥିତ ଇମ୍ପା ବାସ୍କେଟ୍‌ବଲ୍ ଗ୍ରାଉଣ୍ଡଠାରେ ୧୫ତମ ଯୁବା ବାସ୍କେଟ୍‌ବଲ୍ ଓପନ୍ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ୧୭ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସହ ୫ ରାଜ୍ୟରୁ ୧୬ ଦଳ ଅଂଶଗ୍ରହଣ କରୁଛନ୍ତି। ଦଳଗୁଡ଼ିକ ହେଲେ ଝାଡ଼ଖଣ୍ଡର ୱୁଲ୍‌ଭ୍ସ ପ୍ୟାକ୍ ଓ ୟୁନିଟି, ପଶ୍ଚିମବଙ୍ଗର ମେଟ୍ରୋ ରେଲବାଇ ଓ ପିଏସି, ଛତିଶଗଡ଼ର ରିଜ୍‌ଲର୍ସ, ଦିଲ୍ଲୀର ବ୍ଲୁଲାଇନ୍ ଏବଂ ଓଡ଼ିଶାର ବ୍ରହ୍ମପୁର ବିଏମ୍‌ଏସ୍‌ସି, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ, ଭୁବନେଶ୍ୱର ୱାରିୟର୍ସ, ଯୁବା ବାସ୍କେଟ୍‌ବଲ୍ କ୍ଲବ୍, କଟକର ସିବିଏ, ଏମ୍‌୩ ପନ୍ଥର୍ସ, ଭୁବନେଶ୍ୱର ଓଡିବିଏ, ଭୁବନେଶ୍ୱର କେବିସି, ଡବ୍ଲୁଏ ବଲର୍ସ, ପୁରୀ ଦଳ ପ୍ରମୁଖ ଭାଗ ନେଉଛନ୍ତି। ବିଜେତା ଓ ଉପବିଜେତା ଦଳ ଲାଗି ଟ୍ରଫି ସହ ଯଥାକ୍ରମେ ୩୦ହଜାର ଓ ୨୦ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି ଏବଂ ଦ୍ୱିତୀୟ ରନର୍ସଅପ୍‌କୁ ୧୦ ହଜାର ଟଙ୍କାର ରାଶି ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଂଘର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ସୂଚନା ଦେଇଛନ୍ତି। ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୪ ଦିନିଆ ପ୍ରତିଯୋଗିତାର ଜର୍ସି ଓ ଟ୍ରଫି ଗୁରୁବାର ଉନ୍ମୋଚନ ହୋଇଛି। ଏହି ଉନ୍ମୋଚନ ଉତ୍ସବ ଓ ସାମ୍ବାଦିକ ସମ୍ମିଳନୀରେ କର୍ପୋରେଟର ରାଜକିଶୋର ଦାସ, ଆୟୋଜକ ସଂଘ ସଭାପତି ବିଶ୍ୱଜିତ ମହାନ୍ତି, ଉପସଭାପତି ଦେବାଶିଷ ସବ୍ୟସାଚୀ ଚକ୍ର, ଯୁଗ୍ମସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ପ୍ରତିଯୋଗିତା ସଂଯୋଜକ ପ୍ରଶାନ୍ତ ବେହେରା, ସିଦ୍ଧାର୍ଥ ଦାସ, ମିଥୁନ ବିଶୋଇ, ଦୀପକ ପ୍ରଧାନ ହରିଶ ପ୍ରସାଦ ରଥ, ସୁଦର୍ଶନ ସାହୁ, ମହେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କୁ ମୁଖ୍ୟ ଉପଦେଷ୍ଟା ସରୋଜ ପାତ୍ର ଧନ୍ୟବାଦ୍ ଦେଇଥିଲେ।

## ଦିନ ଦ୍ୱିପହରରେ ପୋଲିସ ଷ୍ଟାଫଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ୨୦ଭରି ସୁନା ଅଳଙ୍କାର ଲୁଟ୍

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ରବିବାର ଦିନ ଦ୍ୱିପହରରେ ଧର୍ମଶାଳା ଥାନା ଜାଲଶୁଖା ମୌଜାରେ ରହୁଥିବା ପୋଲିସ ଷ୍ଟାଫ ବିଦ୍ୟାଧର ସେଠୀଙ୍କ ଘରୁ ନଗଦ ୧ ଲକ୍ଷ ଟଙ୍କା ୨୦ ଭରି ସୁନା ଓ ରୁପା ଅଳଙ୍କାର ଚୋରମାନେ ଲୁଟି ନେଇଛନ୍ତି। ଦିନ ୯ଟାପରେ ସ୍ୱାମୀସ୍ତ୍ରୀ ଚାକରିକୁ ବାହାରିଗଲା ପରେ ଚୋର ତାଲା ଭାଙ୍ଗି ଘରେପସିଥିଲେ। ଆଲମିରା ତାଲା ଭାଙ୍ଗି ସମସ୍ତ ଗହଣା ଓ ଟଙ୍କାଲୁଟି ନେଇଛନ୍ତି। ଉଭୟ ଚାକରିରୁ ଫେରି ଘରୁ ଚୋରି ହୋଇଥିବା ଜାଣିଥିଲେ। ପରେ ଧର୍ମଶାଳା ଥାନାରେ ଅଭିଯୋଗ ପରେ ସନ୍ଧ୍ୟାରେ ଧର୍ମଶାଳା ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତଆରମ୍ଭ କରିଛି।

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL.
e-Mail Id – eeangulirrigation@gmail.com

'e'-Procurement Notice No. SE-AID-15/2025-26

The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 2 (Two) Nos. Civil work |
| 2 | Cost of work put to tender | : | Approximately Rs.5.98 Lakh / Rs.10.54 Lakh |
| 3 | Tender Paper Cost | : | Rs.4,000/- / Rs.6,000/- (Non Refundable) |
| 4 | Class of Contractor | : | 'D' & 'C' equivalent Grade / Class |
| 5 | Period of Completion | : | 30 Days |
| 6 | Availability of Bid Documents and receipt of bid through online | : | From 11.00 A.M of 13.02.2026 to 5.00 P.M of 22.02.2026 in the website (www.tendersodisha.gov.in) |
| 7 | Date, time & place for opening of online tenders | : | 23.02.2026 at 11.00 A.M and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | : | 25.02.2026 at 11.00 A.M in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- eeangulirrigation@gmail.com |

Further details can be seen from the e-procurement portal of Government of Odisha at www.tendersodisha.gov.in)

OIPR-32001/82/2526

Sd/- Superintending Engineer
Angul Irrigation Division, Angul

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - eerwkaranjia@yahoo.com
Letter No. 614 / WE // Date:-. 09.02.2026

"E-Procurement Notice for Special Repair of Building works for year 2025-26.
Bid Identification No – RWDKNJ – 17 / 2025-26.

1. Name of the work : Building Works (As per Annexure)
2. Estimated Cost : Rs. 2.10 to Rs.5.88 Lakhs Approximately (As per Annexure).
3. Class of Contractor : 'D' & 'C' Class, (As per Annexure)
4. Period of Completion : As per Annexure
5. Tender Paper Cost : Rs.4,000/- & Rs.2, 000/- towards cost of bid as mentioned in Annexure of Building Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | Online RWDKNJ-17/25-26. | Dt. 13.02.2021 at 11.00 A.M | Dt. 19.02.2026 up to 5.00 P.M | Dt.18.02.2026 up to 1.00 P.M. | Dt.20.02.2026 at 12.00 P.M |

OIPR-25001/147/2526

Sd/- Superintending Engineer
R.W. Division, Karanjia

## ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ବୈଭବ ସୂର୍ଯ୍ୟବଂଶୀ : ଜାରି ହେଲା ଆଡ୍‌ମିଟ୍ କାର୍ଡ

**ନୂଆଦିଲ୍ଲୀ**

ଆଜିକାଲି ଷ୍ଟାର ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ଚର୍ଚ୍ଚାରେ ଅଛନ୍ତି। ମାତ୍ର ୧୪ ବର୍ଷ ବୟସରେ ସାରା ବିଶ୍ୱର ବୋଲରଙ୍କୁ ଧରାଶାୟୀ କରିଛନ୍ତି। ସେ ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା। ତାଙ୍କୁ ଏବେ କେବଳ ପଡ଼ିଆରେ ନୁହେଁ ବରଂ ପରୀକ୍ଷାରେ ମଧ୍ୟ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ। ଚଳିତବର୍ଷ ବୈଭବ ତାଙ୍କର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେ ଏବଂ ତାଙ୍କର ଆଡମିଟ କାର୍ଡ ଜାରି ହୋଇସାରିଛି। ପ୍ରଶ୍ନ ଉଠୁଛି ଯଦି ସେ ବର୍ଷରେ କେବଳ କିଛି ଦିନ ସ୍କୁଲ ଯାଆନ୍ତି ତେବେ ତାଙ୍କୁ ପରୀକ୍ଷା ଦେବାକୁ ଅନୁମତି ମିଳିବ କି ନାହିଁ।

ବୈଭବ ସୂର୍ଯ୍ୟବଂଶୀଙ୍କ ଆଡ୍‌ମିଟ୍ କାର୍ଡରେ ତାଙ୍କର ପରୀକ୍ଷା କେନ୍ଦ୍ର ମଧ୍ୟ ତାଲିକାଭୁକ୍ତ। ସେ ସମସ୍ତିପୁର ସହରର ପୋଦାର ଇଣ୍ଟରନ୍ୟାସନାଲ ସ୍କୁଲରେ ତାଙ୍କର ବୋର୍ଡ ପରୀକ୍ଷା ଦେବେ। ଆଇପିଏଲ ମଧ୍ୟରେ ତାଙ୍କର ବୋର୍ଡ ପରୀକ୍ଷା ପରିଚାଳନା କରିବା ବୈଭବଙ୍କ ପାଇଁ ଏକ ଚ୍ୟାଲେଞ୍ଜଠାରୁ କମ ନୁହେଁ। ସିବିଏସଇ ବୋର୍ଡ ପରୀକ୍ଷା ଫେବୃଆରୀ ୧୭ରେ ଆରମ୍ଭ ହେଉଥିବାବେଳେ ଆଇପିଏଲ ମାର୍ଚ୍ଚ ୨୬ରେ ଆରମ୍ଭ ହେଉଛି। ସେ ତାଜପୁର ବ୍ଲକର ମୋଡେଷ୍ଟି ସ୍କୁଲରେ ପଢ଼ନ୍ତି।

ବୈଭବ ସୂର୍ଯ୍ୟବଂଶୀ ସାରା ବର୍ଷ କ୍ରିକେଟରେ ବ୍ୟସ୍ତ ଥିଲେ, ତେଣୁ ତାଙ୍କୁ ସ୍କୁଲରେ ଯୋଗଦେବା ପାଇଁ ଅଧିକ ସମୟ ମିଳି ନଥିଲା। ପ୍ରଶ୍ନ ହେଉଛି ବୈଭବଙ୍କୁ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ କି ନାହିଁ। ସିବିଏସଇ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡାରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ଛାଡ଼ ପ୍ରଦାନ କରେ। ଏପରି ଛାତ୍ରମାନଙ୍କ ପାଇଁ ପୃଥକ ପରୀକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା ଅଛି। ଏହାର ଅର୍ଥ ହେଉଛି ଯଦି ପରୀକ୍ଷା ତାରିଖ ଉପରେ କିମ୍ବା ଏହାର ଆଖପାଖରେ କୌଣସି ମ୍ୟାଚ ହୁଏ, ତେବେ ପରୀକ୍ଷା ସ୍ଥଗିତ ରଖାଯାଇପାରିବ। ତଥାପି ପୂର୍ବ ସୂଚନା ଆବଶ୍ୟକ। ଉପସ୍ଥିତି ପାଇଁ ସମାନ ଛାଡ ମଧ୍ୟ ଉପଲବ୍ଧ।



ଛାତ୍ରମାନେ କେବଳ ଏହି ସୁବିଧା ପାଇଁ ଯୋଗ୍ୟ ଅଟନ୍ତି, ଯଦି କ୍ରୀଡା ଇଭେଣ୍ଟ ଭାରତୀୟ କ୍ରୀଡା ପ୍ରାଧିକରଣ (ସାଇ), ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ), କିମ୍ବା ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର (ଏଚବିଏସସିଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ସ୍କୁଲଗୁଡ଼ିକୁ ଏହି ସୂଚନା ଆଞ୍ଚଳିକ କାର୍ଯ୍ୟାଳୟକୁ ଜଣାଇବାକୁ ପଡ଼ିବ, ଯାହା ପରେ କ୍ରୀଡ଼ାରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ଛାଡ଼ ପାଇବେ। ଅନ୍ୟ ଛାତ୍ରମାନଙ୍କ ପାଇଁ, ସିବିଏସଇର ୭୫ ପ୍ରତିଶତ ଉପସ୍ଥାନ ଆବଶ୍ୟକତା ଅଛି।

କ୍ରିକେଟ ଜଗତରେ ଝଡ଼ ସୃଷ୍ଟି କରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କୁ ଭାରତୀୟ କ୍ରିକେଟର ଭବିଷ୍ୟତ କୁହାଯାଉଛି। ସେ ସମ୍ପ୍ରତି ୧୯ ବର୍ଷରୁ କମ ବିଶ୍ୱକପ୍‌ରେ ଚମତ୍କାର ବ୍ୟାଟିଂ କରିଥିଲେ ଏବଂ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ନିର୍ଭୀକ ବ୍ୟାଟିଂ କେବଳ ଭାରତରେ ନୁହେଁ ବରଂ ବିଶ୍ୱର ଅନେକ ଖେଳାଳିଙ୍କୁ ପ୍ରଭାବିତ କରିଛି। ଏବେ ପ୍ରଶଂସକମାନେ ଆଇପିଏଲ୍‌ରେ ତାଙ୍କର ପ୍ରଭାବଶାଳୀ ବ୍ୟାଟିଂ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।

## ଆଚାର୍ଯ୍ୟଙ୍କ ଜୀବନ ସେବା ସମର୍ପଣ ଓ ତ୍ୟାଗର ଶିକ୍ଷାଦିଏ



**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାଦାୟୀ। ଆଚାର୍ଯ୍ୟଙ୍କ ଜୀବନ ସେବା, ସମର୍ପଣ ଓ ତ୍ୟାଗର ଶିକ୍ଷା ଦିଏ। ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ପ୍ରତ୍ୟେକ ମଣିଷ ଚରିତ୍ରକୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମତବ୍ୟକ୍ତ କରିଛନ୍ତି। ରବିବାର ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ, ସର୍ବୋଦୟ ମେଳା ସମିତି ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ୧୪୭ ତମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ବାଗ୍ମୀତା, ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣାର ଉତ୍ସ ବୋଲି କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଟୀକାୟତରାୟ ଆଚାର୍ଯ୍ୟ ହରିହରଙ୍କ ଜୀବନ ଓ ଜୀବନଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟ-ବୋଧର ପ୍ରତୀକ ଥିଲା ବୋଲି କହିଥିଲେ। ଜଣେ ଜ୍ଞାନୀ, ଗୁଣୀ ହୋଇ ମଧ୍ୟ ସେ ଅତି ସାଧାରଣ ଜୀବନ ଯାପନ କରୁଥିଲେ। ତାଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରଭେଦ ନ ଥିଲା ବୋଲି ଶ୍ରୀ ଟୀକାୟତରାୟ କହିଥିଲେ।

ସର୍ବୋଦୟ ମେଳା ସମିତିର ସଭାପତି ଉମାବଲ୍ଲଭ ମହାପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଅତିଥିମାନେ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଛାତ୍ର ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଭା ପୂର୍ବରୁ ଅତିଥିମାନେ ଗାନ୍ଧୀ ଘାଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଆଚାର୍ଯ୍ୟ ହରିହର ଛକ ସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି, ବାର ଆସୋସିଏସନ ନିକଟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସଦ୍‌ଭାବନା ସଭା ଗୃହରେ ଆଚାର୍ଯ୍ୟ ହରିହର, ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମାଜ ସେବୀ, ସର୍ବୋଦୟ ମେଳା ସମିତିର ସଦସ୍ୟ, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## ବରଗଡ଼ରେ ଭାରତ ବନ୍ଦର ପ୍ରଭାବ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଶ୍ରମିକ ବିରୋଧୀ ଶ୍ରମକୋଡ଼ ବାତିଲ ଦାବି, ଜି ରାମଜୀ ଜି ଆଇନ ପ୍ରତ୍ୟାହାର କରି ମନରେଗା ଲାଗୁ କରିବା, ଜନ ବିରୋଧୀ ବିଦ୍ୟୁତ ବିଲ୍ ସଂଶୋଧନ ପ୍ରତ୍ୟାହାର, କୃଷକ ବିରୋଧୀ ବିଲ ବାତିଲ, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇ କରଣ ତଥା ଅନ୍ୟାନ୍ୟ ଜନବିରୋଧ ନୀତିକୁ ବିରୋଧ କରି ଏହି ଭାରତ ବନ୍ଦ ଡାକରାର ପ୍ରଭାବ ବରଗଡ଼ ଜିଲ୍ଲାରେ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଅନୁଭୂତ ହୋଇଛି। ଦଶଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ଅନ୍ୟାନ୍ୟସଂଗଠନ ମାନଙ୍କ ମିଳିତ ତତ୍ତ୍ୱାବଧାନରେ ବରଗଡ଼ ଜିଲ୍ଲା ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଆବାହନ ଯୋଗୁଁ ଆଜି ବରଗଡ଼ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବୀମା, ଦୋକାନ, ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଚକ, ଅଖ ଓ ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ଥିଲା। ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ପିକେଟିଙ୍ଗ କରି ବନ୍ଦକୁ ପାଳନ କରିଥିଲେ। କେନ୍ଦ୍ରସରକାରଙ୍କ ଜନବିରୋଧୀ ନୀତି ଦ୍ୱାରା ଅତିଷ୍ଠ ସାଧାରଣ ଜନତାଙ୍କ ମଧ୍ୟ ଏହି ବନ୍ଦରେ ପ୍ରବଳ ସମର୍ଥନ ଦେଖିବାକୁ ମିଳିଥିଲା। ବରଗଡ଼ ଜିଲ୍ଲା ଶ୍ରମିକ ସମନ୍ୱୟ କମିଟିର ଅବାହକା ବ୍ରହ୍ମା ମହାକୁର ଏହି ଧର୍ମଘଟର ସଫଳ ରୂପାୟନ ପାଇଁ ବରଗଡ଼ର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ସଂଗଠନ ଓ ଅନୁଷ୍ଠାନ ତଥା କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଏବଂ ଆଗାମୀ ଦିନରେ ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଲଢେଇ ପାଇଁ ଆବଶ୍ୟକ ସହଯୋଗ କାମନା କରିଛନ୍ତି।







# ଚାଷୀମାନଙ୍କର ସବୁ ଧାନ ଉଠିବ : ସମବାୟ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଧାନ କିଣା ପ୍ରକ୍ରିୟା ମନ୍ଥର ଗତିରେ ଚାଲିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ସେ କହିଛନ୍ତି, ମିଲର୍ ମାନଙ୍କ ପାଖରେ ଧାନ ରଖିବା ପାଇଁ ସଂରକ୍ଷଣ କ୍ଷମତା କମ୍ ଅଛି । ଯେତିକି ଷ୍ଟୋରେଜ କାପାସିଟି ଥିଲା ତାହା ପୂର୍ଣ୍ଣ ହୋଇଯାଇଛି । ତେଣୁ ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ ହେଉଛି । ଟୋକନ ଲାପ୍ସ ହେଲେ ପୁଣି ଆଲୋଚନା କରି ଟୋକନ ଅବଧି ବୃଦ୍ଧି କରାଯିବ । ଗୋଟିଏ ଥର ୧୫ ଦିନ ପାଇଁ ଟୋକନ ଅବଧି ବଢ଼ାଯାଇଛି । ଟିକେ ବିଳମ୍ବ ହେଲେ ବି ସମସ୍ତଙ୍କ ଧାନ ଉଠିବ । ଚଳିତ ବର୍ଷ ପ୍ରଚୁର ଧାନ ଚାଷ ହୋଇଛି । ଗୋଚର ଠୁ ନେଇ ପଡ଼ିଆ, ସବୁ ଜମିରେ ଚାଷ କରାଯାଇଛି । ୨୦୧୭ରେ ସୋହେଲାରେ ନବୀନ ୧୦୦ ଟଙ୍କା ବୋନସ ଦେବେ କହି ପରେ ଦେଲେ ନାହିଁ । ତେଣୁ ଗତ ବର୍ଷ ଲୋକଙ୍କର ଭରସା ନଥିଲା ଯେ ବିଜେପି ୮୦୦ ଟଙ୍କା ଦେବ କି ନାହିଁ । ସେଥିପାଇଁ ଚାଷୀ ଅପେକ୍ଷା କରିଥିଲେ । ଯେତେବେଳେ ସରକାର ୮୦୦ ଟଙ୍କା ବୋନସ ଦେଲେ, ତାପରେ ଯେଉଁ ଚାଷୀ ମାନେ ଚାଷ କରୁନଥିଲେ, ଜମି ପଡିଆ ପଡୁଥିଲା। ସେମାନେ ମଧ୍ୟ ଚଳିତ



ଖରିଫରେ ଚାଷ କଲେ । ଏହାସହ ପାଣିପାଗ ମଧ୍ୟ ଧାନ ଚାଷକୁ ସୁହେଇଲା । ତେଣୁ ଫସଲ ଆମଦାନୀ ପ୍ରଚୁର ହୋଇଛି। ଅନ୍ୟପଟେ ଚାଉଳ ଉଠାଇବା ପାଇଁ କେନ୍ଦ୍ର ସହ ଆଲୋଚନା ଚାଲିଛି ବୋଲି କହିଛନ୍ତି ମନ୍ତ୍ରୀ ।

# ଲେଜର ଲାଇଟ୍ ବ୍ୟାନ୍: ଡିଜେ ଶବ୍ଦ ଉପରେ କଟକଣା ଲଗାଇଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**

ଲେଜର ଲାଇଟ୍ ଉପରେ ବ୍ୟାନ୍ ଲଗାଇଲେ ହାଇକୋର୍ଟ । ବିଶେଷକରି କଟକ ସହର ମଧ୍ୟରେ ହୋଇ ପାରିବ ନାହିଁ ଲେଜର ଲାଇଟ୍ ବ୍ୟବହାର । ଗୁରୁବାର ଠାରୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି କଟକଣାକୁ କାର୍ଯ୍ୟକାରୀ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିବାହ ସମୟରେ ଲେଜର ଲାଇଟ୍, ଯାହାକି ବଡ଼ ସମସ୍ୟା ସୃଷ୍ଟି କରୁଛି । ରାସ୍ତାରେ ରୋଷଣୀ ସମୟରେ ଏହି ଲାଇଟ୍ ଯୋଗୁଁ ଅନେକ ଲୋକଙ୍କ ଆଖି ମଧ୍ୟ ଖରାପ ହେଉଛି। ଯାହାକୁ ନେଇ



ଆବେଦନକାରୀ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କୋର୍ଟ ଏହି ମାମଲାକୁ ଅତି ଗୁରୁତ୍ୱର ସହ ନେଇ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହାର ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି । କେବଳ ସେତିକି ନୁହେଁ ବରଂ ରାତି ୧୦ଟା ପରେ ବିବାହ ରୋଷଣୀ ସଂପୂର୍ଣ୍ଣ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରୋଷଣୀ ଆଦିରେ ଡିଜେ ବ୍ୟବହାର ନେଇ ମଧ୍ୟ କଟକଣା ଲାଗୁ କରିଛନ୍ତି କୋର୍ଟ । ବିକଟାଳ ଶବ୍ଦ ଯୁକ୍ତ ଡିଜେ ବ୍ୟବହାର ହୋଇ ପାରିବ ନାହିଁ ବୋଲି କୋର୍ଟ ଆଜି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ୨ଟି ୬୫ ଡେସିବିଲ ସାଉଣ୍ଡ ମଧ୍ୟରେ ଡିଜେ ବଜାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହାଠାରୁ ଅଧିକ ହେଲେ କାର୍ଯ୍ୟାନୁଷ୍ଠାନ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନରେଟ ପୋଲିସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ହାଇକୋର୍ଟଙ୍କ ରାୟକୁ ସ୍ୱାଗତ କରିବା ସହ କଟକ କମିଶନରେଟ ପୋଲିସ ଅଞ୍ଚଳରେ ଏହି ନିୟମକୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି କି ନାହିଁ, ଏପରିକି ଏହାକୁ କିପରି ମନିଟର କରାଯାଉଛି, ତାହାର ତଥ୍ୟ ସତ୍ୟପାଠ ମାଧ୍ୟମରେ ଅବଗତ କରିବାକୁ କୋର୍ଟ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । କଟକ ସହର ସମସ୍ୟା ମାମଲାର ଶୁଣାଣିରେ ହାଇକୋର୍ଟ ଏହିସବୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିନେମା ହଲ୍‌ରେ ...

ଆସୁଅଛି। ବିଧାନସଭା ଅଧିବେଶନ ଆରମ୍ଭ ବେଳେ ବିଶେଷକରି ବଜେଟ୍ ଅଧିବେଶନ ଆରମ୍ଭ ପୂର୍ବରୁ ରାଜ୍ୟପାଳ ଏବଂ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଅଭିଭାଷଣ ରଖିବା ପୂର୍ବରୁ ଜାତୀୟ ସଙ୍ଗୀତ ପରିବେଷଣ ହୋଇଥାଏ। ସେହି ସମୟରେ ଗୃହ/ସଦନରେ ଉପସ୍ଥିତ ସମସ୍ତ ସଦସ୍ୟ ଠିଆ ହୋଇ ଜାତୀୟ ସଙ୍ଗୀତରେ ସ୍ୱର ମିଶାଇ ସମ୍ମାନ ପ୍ରଦାନ କରିଥାନ୍ତି। ଅର୍ଥାତ୍ ଜାତୀୟ ସଙ୍ଗୀତ ପ୍ରତି ସେମାନଙ୍କର ହୃଦୟର ଭାବନା ଝଙ୍କୃରିତ ହୋଇଥାଏ। ଯାହା ଏବେ ଆଉ ଦେଖାଯାଉ ନାହିଁ।

ନିକଟରେ ଭାରତ ସରକାର ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ପ୍ରତି ସମ୍ମାନ ଓ ଏହାର ପହଞ୍ଚ ବୃଦ୍ଧି କରିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବନ୍ଦେ ମାତରମର ଏକ ବିସ୍ତାରିତ ସଂସ୍କରଣ ଏବେ ସରକାରୀ କାର୍ଯ୍ୟକ୍ରମ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଅଭିଭାଷଣ ତଥା ପତାକା ଉତ୍ତୋଳନ ଉତ୍ସବରେ ଗାନ କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏପର୍ଯ୍ୟନ୍ତ ବନ୍ଦେ ମାତରମ୍ ଗାନ ପାଇଁ କୌଣସି ସରକାରୀ ପ୍ରୋଟୋକଲ୍ ନଥିଲା। ତେବେ ଜନ ଗଣ ମନର ଗାନ ଓ ସମୟ ସମ୍ପର୍କରେ ସ୍ପଷ୍ଟ ନିୟମ ଥିଲା। ବନ୍ଦେ ମାତରମର ବିସ୍ତାରିତ, ଛଅ-ପଦ ସଂସ୍କରଣ ଏପର୍ଯ୍ୟନ୍ତ ସରକାରୀ କାର୍ଯ୍ୟକ୍ରମରେ ଗାନ କରାଯାଉ ନଥିଲା। କିନ୍ତୁ ଏହାକୁ ଏବେ ବାଧ୍ୟତାମୂଳକ କରାଯାଇଛି।

ନୂତନ ନିୟମ ଅନୁଯାୟୀ, ଯଦି କୌଣସି କାର୍ଯ୍ୟକ୍ରମରେ ଜନ ଗଣ ମନ (ଜାତୀୟ ସଙ୍ଗୀତ) ଓ ବନ୍ଦେ ମାତରମ୍ ଉଭୟ ଗାନ କରାଯାଏ, ତେବେ ପ୍ରଥମେ ବନ୍ଦେ ମାତରମ୍ ଗାନ ହେବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ପୂର୍ବରୁ ଯେପରି ଜାତୀୟ ସଙ୍ଗୀତ ବିଭିନ୍ନ ସିନେମା ହଲ୍‌ମାନଙ୍କରେ ସିନେମା ପ୍ରଦର୍ଶନ ପୂର୍ବରୁ ପରିବେଷଣ ହେଉଥିଲା ତାହାକୁ ପୁନର୍ଜୀବିତ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି। ଓଡ଼ିଶା ସରକାର ତୁରନ୍ତ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ସହିତ ସମସ୍ତ ଚଳଚ୍ଚିତ୍ର ପ୍ରେକ୍ଷାଳୟ କର୍ତ୍ତୃପକ୍ଷଙ୍କୁ ଜାତୀୟ ସଙ୍ଗୀତ ପରିବେଷଣର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେମାନେ ଦାବି ଜଣାଇଛନ୍ତି।

## ସମବାୟ କ୍ଷେତ୍ରରେ...

ଭିତ୍ତିଭୂମି ସୁଦୃଢ଼ୀକରଣ, ନୂତନ ଓ ପୁରାତନ ସମବାୟ ସମିତିଗୁଡ଼ିକୁ ସହାୟତା ପାଣ୍ଠି ଓ ଅଂଶଧନ ପ୍ରଦାନ, ସାର ବଣ୍ଟନରେ ସମବାୟ ସମିତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ, ଚଳିତ ବର୍ଷ ଠାରୁ ରାଜ୍ୟରେ ଆବଶ୍ୟକ ହେଉଥିବା ସାର ସମବାୟ ସମିତି ମାଧ୍ୟମରେ ପ୍ରଦାନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ପାକ୍ସ ମାଧ୍ୟମରେ 'ନାଫେଡ୍' ବଜାର ଏବଂ ଓମଫେଡ୍ କିମ୍ବା 'ଅମୁଲ' ପାର୍ଲର ପ୍ରତିଷ୍ଠା, ପାକ୍ସ, ଲାମ୍ପସ ଜରିଆରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସେସବୁରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ପାଇଁ କ୍ୟାଡର ନିୟମ ଓ କେନ୍ଦ୍ରୀୟ ନିଯୁକ୍ତି ପ୍ରକ୍ରିୟା, ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସୁଦୃଢ଼ୀକରଣ, ରାଜ୍ୟର ଅଚଳ ଥିବା କଟକ ଜିଲ୍ଲାର 'ବଡମ୍ବା ଚିନି କଳ' ଏବଂ ବଲାଙ୍ଗିର ଜିଲ୍ଲାର 'ବିଜୟାନନ୍ଦ ସମବାୟ ଚିନି କଳ'ର ପୁନଃ କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନିଆଯାଇଛି ।

ଏସଡିସିସି ବୈଠକ ପରେ କେନ୍ଦ୍ର ସଚିବ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ଜିଲ୍ଲାପାଳମାନଙ୍କ ସହ ଅନୁଷ୍ଠିତ ଆଭାସୀ ବୈଠକରେ ଆଲୋଚନା କରି ରାଜ୍ୟରେ ବିଶ୍ୱର ବୃହତ୍ତମ ଶସ୍ୟ ସଂରକ୍ଷଣ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଏବଂ ନିୟମିତ ଭାବେ ଜିଲ୍ଲା ସମବାୟ ବିକାଶ କମିଟି (ଡିସିଡିସି) ବୈଠକ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସଚିବ ଶ୍ରୀ ଭୂଟାନ, ପାକ୍ସ ଏବଂ ଲାମ୍ପସ କର୍ମଚାରୀଙ୍କ ପାଇଁ ଓଡ଼ିଶା ନଲେଜ୍ କର୍ପୋରେସନ ଲିମିଟେଡ୍ (ଓକେସିଏଲ) ସହାୟତାରେ ଆୟୋଜିତ ଡିଜିଟାଲ୍ ଓ ଆଇଟି ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଓମଫେଡ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ସେ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସୁଦୃଢ଼ ସମବାୟ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ଦେଇଥିଲେ । ଓଡ଼ିଶା ରାଜ୍ୟ ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଲକ୍ଷ୍ୟ ପୂରଣ ପାଇଁ ସହଯୋଗ ଲୋଡ଼ିଥିଲେ ।

## ୧୨ ଘଣ୍ଟିଆ...

ରାସ୍ତାଘାଟରେ କେବଳ ଦୁଇ ଚକିଆ ଓ ଅଟୋ ରିକ୍ସା ଚଳାଚଳ କରୁଥିଲେ ମଧ୍ୟ ବଡ ଗାଡି ବିଶେଷ ଚଳାଚଳ କରିନଥିଲା। ତେବେ କେତେକ ଅଞ୍ଚଳରେ ବସ୍ ଚଳାଚଳ ହୋଇଥିବାର ଦେଖାଯାଇଥିଲା। ଅନ୍ୟପକ୍ଷରେ ଭାରତ ବନ୍ଦର ପ୍ରଭାବ ପଡିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ଏଚ୍‌ଏମଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ୟୁଟିୟୁସିୟୁ, ଏଲପିଏଫ, ସେୱା ଓ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ରସରକାରୀ କର୍ମଚାରୀ ମାନଙ୍କର ସ୍ୱାଧୀନ ସଂଗଠନ ପକ୍ଷରୁ କୁହାଯାଇଛି।

କେନ୍ଦ୍ର ସରକାରଙ୍କର ୪ଟି ଲେବର କୋଡ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀମାନଙ୍କର ୧୪ ଦଫା ଦାବୀ, ମହାତ୍ମାଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନାର ପରିବର୍ତ୍ତନ, ବିଦ୍ୟୁତବିଲ୍ ୨୦୨୫, ବିହନ ବିଲ ୨୦୨୫, ଶାନ୍ତିବିଲ ୨୦୨୫, ପେନସନ ବିଲ ଓ ବୀମା ନିଯୁକ୍ତି, ୧୦୦ ପ୍ରତିଶତ ପ୍ରତ୍ୟେକ୍ଷ, ବିଦେଶୀ ପୁଞ୍ଜି ଲଗାଣ, ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ନିୟନ୍ତ୍ରଣ ଓ ଜିଏସ୍‌ଟି ଛାଡ, ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ମଜୁରୀ, ପୁରୁଣା ପେନସନ୍ ସ୍କିମ୍ ପ୍ରଚଳନ ଓ ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ପ୍ରଭୃତି ଜନ ବିରୋଧି ନୀତି ବିରୋଧରେ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଥିଲା। ଏଥିରେ ହଜାର ହଜାର ଶ୍ରମିକ କର୍ମଚାରୀ ସାମିଲ ହୋଇଥିଲେ। ସ୍ଲୋଗାନ ଦେଇ ରେଳଷ୍ଟେସନ, ସିଟିବସଷ୍ଟାଣ୍ଡ, ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ଜାତୀୟ ରାଜପଥ, ଇନ୍ୟୁସରାନସ୍ କାର୍ଯ୍ୟାଳୟ ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ, ଏସବିଆଇ ଲୋକାଲ ହେଡ କାର୍ଯ୍ୟାଳୟ, ଶ୍ରମ କାର୍ଯ୍ୟାଳୟ, ବିଦ୍ୟୁତ କାର୍ଯ୍ୟାଳୟ, କଳ୍ପନା, ସାମନ୍ତରାପୁର, ଏୟାରପୋର୍ଟ ଛକ, ରସୁଲଗଡ, ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ, ମଂଚେଶ୍ୱର ୱାର୍କ ସପ ସମ୍ମୁଖରେ ହରତାଳ କରାଯାଇଥିଲା। ଓଡ଼ିଶାରେ ଖୋର୍ଦ୍ଧା ଶିଳ୍ପାଂଚଳ, ରାଉରକେଲା, ପାରାଦ୍ୱିପ, ରାୟଗଡା, ଅନୁଗୁଳ, ସମ୍ବଲପୁର ୩୦ ଟି ଜିଲ୍ଲାରେ ପ୍ରାୟ ବହୁ ସଂଖ୍ୟାରେ ଶ୍ରମଜୀବୀ ଜନଗଣ ଏହି ଧର୍ମଘଟରେ ସାମିଲ ହୋଇଥିଲେ।

ଏହି ଧର୍ମଘଟରେ ଆଇଏନ୍‌ଟିୟୁସିର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ମଦନ ମୋହନ ଧଳ, ପ୍ରଶାନ୍ତ ମହାପାତ୍ର, ସଭାନେତ୍ରୀ ପ୍ରଣତି ମିଶ୍ର, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସୁର ଜେନା, ସିପିଆଇର ସମ୍ପାଦକ ପ୍ରଶାନ୍ତ ମିଶ୍ର, ଏଚଏମଏସର ସମ୍ପାଦକ ବି.ଏନ. ମହାପାତ୍ର, ମହମ୍ମଦ ମୁର୍ତ୍ତୁଜା, ସିଆଇଟିୟୁର ସଭାପତି ଜନାର୍ଦ୍ଦନ ପତି, ସମ୍ପାଦକ ପ୍ରଦୀପ୍ତ ନାୟକ, ନାରୀନେତ୍ରୀ, ପୁଷ୍ପା ପଣ୍ଡା, ଏଆଇୟୁଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ଜୟସେନ ମେହେର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀ, ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା, ଉପସଭାପତି ବଂଶିଧର ପରିଡା ଓ ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ଟିୟୁସିସି ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସମେତ ବହୁ ନେତା ଏଥିରେ ସାମିଲ ହୋଇଥିଲେ।

## ସଂସଦ ଭବନ...

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେ, କଂଗ୍ରେସ ମହାସଚିବ କେ.ସି. ଭେଣୁଗୋପାଳ, ପ୍ରମୋଦ ତିୱାରୀ, ରାଜୀବ ଶୁକ୍ଲା, ଦୀପେନ୍ଦର ହୁଡା, ସମାଜବାଦୀ ପାର୍ଟି ସାଂସଦ ରାମ ଗୋପାଳ ଯାଦବ, ଧର୍ମେନ୍ଦ୍ର ଯାଦବ, ଜୟା ବଚ୍ଚନ ଏବଂ ପ୍ରିୟା ସରୋଜଙ୍କ ସମେତ ବହୁ ସଂଖ୍ୟକ ବିରୋଧୀ ସାଂସଦ ଏହି ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ।

## ରତ୍ନଭଣ୍ଡାର ପ୍ରସଙ୍ଗ ...

ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।୨୦୧୮ ମସିହାରେ ଚାବି ହଜିଥିବା ବେଳେ ତଦନ୍ତ ନେଇ ଏକ କମିଶନ ମଧ୍ୟ ଗଠନ କରାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ରତ୍ନଭଣ୍ଡାରରେ ପାଣି ଜମିବା ପ୍ରସଙ୍ଗ ଉଠିଥିଲା । ତେବେ ଏହି ପ୍ରସଙ୍ଗରେ ହାଇକୋର୍ଟ ଅନେକ ବାର ନିର୍ଦ୍ଦେଶ ଦେଇଥିଲେ । ତେବେ ଏଏସଆଇ ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଥିଲା । ତେବେ ଏହି କାର୍ଯ୍ୟ ଶେଷ ହେବା ପରେ ଗଣତିମଣତି ସାରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜ୍ୟରେ ଶିଳ୍ପାୟନକୁ ...

ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ଉକ୍ତ ବୈଠକରେ ଏମଏସଏମଇ ବିଭାଗର କମିଶନର ତଥା ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଶିଳ୍ପ ନିର୍ଦ୍ଦେଶିକା ସୁଶ୍ରୀ ଆବୋଲି ସୁନୀଲ ନରଭାଣେ ଏବଂ ଓକାକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ନିବେଶକଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ସ୍ୱଚ୍ଛତା, ସମୟବଦ୍ଧ ନିଷ୍ପତ୍ତି ଏବଂ ସକ୍ରିୟ ସହଯୋଗ ଉପରେ କମିଟି ନିଜର ପ୍ରତିବଦ୍ଧତା ଦୋହରାଇଛି, ଯାହା ଓଡ଼ିଶାର ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ମଜଭୁତ କରିବ।

## ପ୍ରକାଶ ପାଇଲା...

୧ ଲକ୍ଷ ୬୦ ହଜାର ୪୨୦ ଜଣ ପରୀକ୍ଷାର୍ଥୀ ଫର୍ମ ଫିଲଅପ୍ କରିଥିବା ବେଳେ ୧ ଲକ୍ଷ ୫୩ ହଜାର ୭୪୭ ଜଣ ପରୀକ୍ଷା ଦେଇଥିଲେ। ପେପର-୧ରେ ୪୫ ହଜାର ୯୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ହଜାର ୮୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପେପର-୨ରେ ୧ ଲକ୍ଷ ୮ ହଜାର ୬୫୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩, ୯୫୪ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷାର୍ଥୀମାନେ ଡବ୍ଲୁଡବ୍ଲୁଡବ୍ଲୁ://ବିଏସଇଓଡ଼ିଶା.ଏସି.ଇନ୍ ରେ ରେଜଲ୍ଟ ପାଇପାରିବେ ଏବଂ ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ।

## ଔଦ୍ୟୋଗିକ ସମ୍ବନ୍ଧ...

ପାଇଁ କମ୍‌ସେ କମ୍ ୧୦ କାମ କରୁଥିବା କମ୍ପାନୀର ଶ୍ରମିକଙ୍କୁ ଇଏସ୍‌ଆଇସିରେ ଚିକିତ୍ସା ସୁବିଧା ଥିଲା। ଡା. ମନସୁଖ ମାଣ୍ଡଭିୟ କହିଛନ୍ତି ଯେ ଶ୍ରମ ସଂହିତାରେ ବିପଦ ଥିବା ଅଞ୍ଚଳର ଶ୍ରମିକ ଯଦି ୧୦ରୁ କମ୍ ହେବ, ତେବେ ଇଏସ୍‌ଆଇସିରେ ଉପଚାର ସୁବିଧା ମିଳିବ।

# ଏସ୍‌ସିବି ମେଡ଼ିକାଲ ଆଇସିୟୁରେ ରୋଗୀ ଆଟେଣ୍ଡାଣ୍ଟଙ୍କୁ ମୋବାଇଲ୍ ମନା

**କଟକ, ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିସିନ୍ ଆଇସିୟୁ ଭିତରେ ଜଣେ ରୋଗୀଙ୍କ ଆଟେଣ୍ଡାଣ୍ଟ ଭିଡିଓ ରେକର୍ଡ କରିବା ପରେ ଅବ୍ୟବସ୍ଥାର ଭୟଙ୍କର ଚିତ୍ର ସାମନାକୁ ଆସିଥିଲା। କିନ୍ତୁ ଏହି ଘଟଣା ପରେ ଦୋଷ, ଦୁର୍ବଳତା ଲୁଚାଇବାକୁ ଆଇସିୟୁ ଭିତରକୁ କୌଣସି ଆଟେଣ୍ଡାଣ୍ଟ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ନିୟମ କରିଛନ୍ତି। ବାହାରେ ଖାତାରେ ଦସ୍ତଖତ କରି ସୁରକ୍ଷାକର୍ମୀଙ୍କ ଜିମାରେ ମୋବାଇଲ୍ ଫୋନ୍ ଦେଇ ଆଟେଣ୍ଡାଣ୍ଟ ଭିତରକୁ ଯିବେ। ଏକ ଘରୋଇ ସୁରକ୍ଷା ସଂସ୍ଥା ପକ୍ଷରୁ ନିୟୋଜିତ ହୋଇଥିବା ୪ ଜଣ ସୁରକ୍ଷାକର୍ମୀଙ୍କୁ ବଡ଼ଡାକ୍ତରଖାନା କର୍ତ୍ତୃପକ୍ଷ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଆଇସିୟୁ ଅବ୍ୟବସ୍ଥା ପ୍ରସଙ୍ଗରେ ମେଡିସିନ୍ ବିଭାଗ ପ୍ରଫେସର ତଥା ମେଡିସିନ୍ ଆଇସିୟୁ ଇନ୍‌ଚାର୍ଜ ଜୟନ୍ତ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି ଯେ ସବୁଆଡୁ ରୋଗୀ ରେଫର୍ ହୋଇ ଏସ୍‌ସିବିକୁ ଆସୁଛନ୍ତି। ଏଠାରେ ଓଭରଲୋଡ୍ ବଢୁଥିବା ବେଳେ ସେହି ହିସାବରେ ଲୋକବଳ ନାହାନ୍ତି। ଆଇସିୟୁରେ ଆବଶ୍ୟକ ଅନୁଯାୟୀ ଡାକ୍ତର ଓ ନର୍ସ ନାହାନ୍ତି। ରୋଗୀଙ୍କୁ ଜଗିବାକୁ ଲୋକ ନାହାନ୍ତି। ବେଡ୍ ବି ପର୍ଯ୍ୟାପ୍ତ ନାହିଁ। ଏ ଘଟଣା ସବୁଦିନିଆ ନୁହେଁ। ରୋଗୀଙ୍କ କ୍ଷତି କରିବା ଉଦ୍ଦେଶ୍ୟରେ କରାଯାଉନାହିଁ। ତଦନ୍ତ କମିଟି କରି ଘଟଣାକୁ ଅନୁଧ୍ୟାନ କରାଯାଉଛି। ଲୋକଙ୍କ ଆସ୍ଥା ଏସ୍‌ସିବି ଉପରୁ ନତୁଟୁ। ଏହି ଦୁର୍ଘଟଣା ଯେଭଳି ପୁନଃ ନଘଟେ ସେଥିପାଇଁ ଏସ୍‌ସିବି ମେଡିକାଲ କଲେଜ ଡିନ୍, ଅଧୀକ୍ଷକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ଅନ୍ୟପଟେ ଆଇସିୟୁର ଭିଡିଓ ଭାଇରାଲ୍ କରି ଏସ୍‌ସିବିକୁ ବଦନାମ କରିବାକୁ ଉଦ୍ୟମ କରାଯାଉଥିବା ପ୍ରଫେସର ଡାକ୍ତର ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ୧୪ ଓ ୧୫ରେ ଆୟୋଜିତ ହେବ ସାହିତ୍ୟ ପର୍ବ

## ମୁକ୍ତ ଅଧିବେଶନ ସହ ଆଲୋଚନା, କବି ସମ୍ମିଳନୀ ଓ ଫିଲ୍ମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରା**

ଚଳିତ ୧୪ ଓ ୧୫ ତାରିଖ ଦୁଇଦିନ ଧରି ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ପର୍ବ ଆୟୋଜିତ ହେଉଛି । ୧୪ ତାରିଖ ପୂର୍ବାହ୍ନରେ ପଦ୍ମଭୂଷଣ ପ୍ରତିଭା ରାୟ, ଦାଶ ବେନହୁର, ପ୍ର. ବସନ୍ତ ପଣ୍ଡା ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଅନୁଷ୍ଠାନର ମୁଖପତ୍ର, ପର୍ବର ସ୍ମରଣିକା ଓ କେତେକ ପୁସ୍ତକ ଲୋକାର୍ପିତ ହେବା ସହିତ କବି ମନୋରଞ୍ଜନ ପାଣିଗ୍ରାହୀ ଏବଂ ଚିତ୍ରଶିଳ୍ପୀ ପ୍ର. ଡ଼. ଚକ୍ରଧର ବେହେରା ସମ୍ମାନିତ ହେବେ । ୧୪ ତାରିଖ ସନ୍ଧ୍ୟାରେ କ୍ଲାସିକ ଓଡ଼ିଆ ସିନେମା 'ଧାରେ ଆଲୁଅ'ର ପର୍ଦାୟନ ହେବ। ଦୁଇଦିନ ମଧ୍ୟରେ ଓଡ଼ିଆ ଗପ, ସଂଗୀତ, ଭାରତୀୟତା, ପ୍ରବନ୍ଧ, ଭଏସ ଆର୍ଟିଷ୍ଟ ପ୍ରସଙ୍ଗରେ ଆଲୋଚନା ହେବ । ପୁଣି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟିଙ୍କ ସହ ସାକ୍ଷାତକାର ଅନ୍ତର୍ଭୁକ୍ତ । ଯୁବକବି- ମାନଙ୍କ କବିତା ପାଠ ହେବ ଅନ୍ୟତମ ଆକର୍ଷଣ । ସାହିତ୍ୟିକ, ସାହିତ୍ୟପ୍ରେମୀମାନେ ଯୋଗ ଦେବାକୁ ଉତ୍ସବ ନିର୍ଦ୍ଦେଶକ ଡ଼. ଅଶୋକ ସିଂହ ଅନୁରୋଧ କରିଛନ୍ତି ।

# ରାମ ମନ୍ଦିର ଛକରେ ବାଇକକୁ ପିଟିଲା କାର୍: ଜଣେ ମୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବଡ଼ି ଭୋରୁ ରାଜଧାନୀରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଓ ରାମ ମନ୍ଦିର ଛକରେ ବାଇକକୁ ପିଟିଲା କାର ଓ ଦୁର୍ଘଟଣାରେ ପ୍ରାଣ ହରାଇଲେ ବାଇକ ଚାଳକ ରିତେଶ କୁମାର ଖଟୁଆ ଓ ପ୍ରାଣ ହରାଇଥିବା ବାଇକ ଚାଳକ ଜଣଙ୍କ ଘର ସମ୍ବଲପୁର ଅଞ୍ଚଳରେ ହୋଇଥିବା ସୂଚନା ମିଳିଛି ଓ ସିସିଟିଭି ଆଧାରରେ ତଦନ୍ତ ଆରମ୍ଭ କରିଛି ପୋଲିସ ଓ ଦୁର୍ଘଟଣା ଘଟାଇ ଥିବା କାରକୁ ଜବତ୍ କରିବା ସହିତ କାର ଚାଳକକୁ ଅଟକ ରଖି ପଚରାଉଚରା କରୁଛି ପୋଲିସ ।

# ଦୂରଦର୍ଶନର ବରିଷ୍ଠ ସମାଚାର ଉପସ୍ଥାପିକା ସରଳା ମାହେଶ୍ୱରୀଙ୍କ ପରଲୋକ

**ନୂଆଦିଲ୍ଲୀ :**

ଦୂରଦର୍ଶନର ବରିଷ୍ଠ ସମାଚାର ଉପସ୍ଥାପିକା ସରଳା ମାହେଶ୍ୱରୀଙ୍କ ଗୁରୁବାର ଦିନ ଏଠାରେ ପରଲୋକ ଘଟିଛି। ତାଙ୍କର ବୟସ ୭୧ ବର୍ଷ ଥିଲା। ବରିଷ୍ଠ ସମ୍ବାଦ ପାଠକ ଏବଂ ମାହେଶ୍ୱରୀଙ୍କ ବନ୍ଧୁ ଶମ୍ମୀ ନାରଙ୍ଗ ତାଙ୍କ ମୃତ୍ୟୁର ନିଶ୍ଚିତ କରିଛନ୍ତି। ନାରଙ୍ଗ ଏକ ଏକ୍ସ-ପୋଷ୍ଟରେ କହିଛନ୍ତି ଯେ ୧୯୮୦ - ୧୯୯୦ ଦଶକର ଘରେ ଘରେ ପରିଚିତ ଏହି ମୁହଁ (ସରଳା ମାହେଶ୍ୱରୀ) ଏବେ ଏକ ଦୂର ସ୍ମୃତି।

# ସାଇବର ଠକେଇରୁ ବର୍ତ୍ତିଲେ ଦମ୍ପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ନୟାପଲ୍ଲୀରେ ବାସ କରୁଥିବା ନାଲକୋର ଜଣେ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ତାଙ୍କ ଅବସରପ୍ରାପ୍ତ ଅଧ୍ୟାପିକା ପତ୍ନୀ ସାଇବର ଠକେଇରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରାୟ ୩୫ ଘଣ୍ଟା ସାଇବର ଠକଙ୍କ ଦ୍ୱାରା ଡିଜିଟାଲ ଆରେଷ୍ଟ ରହିବା ପରେ ସାଇବର ପୋଲିସ୍ ଓ ବ୍ୟାଙ୍କ ସହାୟତାରେ ଟଙ୍କା ଠକେଇରୁ ବଞ୍ଚି ଯାଇଥିଲେ। ଅଭିଯୋଗ ଅନୁସାରେ, ଏକ ଅଜଣା ନମ୍ବରରେ ଦୁର୍ବୃତ କଲ୍ କରି ନିଜକୁ ଏନଆଇଏ ଅଧିକାରୀର ପରିଚୟ ଦେଇ ଉଭୟଙ୍କୁ ଭୟ ଦେଖାଇଥିଲେ। ତାଙ୍କ ଆଧାର କାର୍ଡ ଆତଙ୍କବାଦୀ ବ୍ୟବହାର କରୁଥିବା କହିଥିଲେ। ଆତଙ୍କବାଦ ଲିଙ୍କ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯିବ ଏବଂ ବିନା ଅନୁମତିରେ ପାଦେ ବି ନଘୁଂଚିବାକୁ ଧମକ ଦେଇଥିଲେ। ମାମଲାରୁ ବର୍ତ୍ତିବାକୁ କୋଟିଏ ଟଙ୍କା ମାଗିଥିଲେ ସାଇବର ଠକ। ଭୟରେ ପ୍ରାୟ ୩୫ ଘଂଟା ଧରି ଠକଙ୍କ କଥାରେ ଘରେ ନଜରବନ୍ଦୀ ହୋଇ ରହିଲେ ଦମ୍ପତି। ତେବେ ଟଙ୍କା ପଠାଇବାକୁ ବ୍ୟାଙ୍କ ଯାଇଥିବା ବେଳେ ଠକର ଆକାଉଂଟଟି ଅଚଳ ବୋଲି ଜାଣିବାକୁ ପାଇଥିଲେ।ଏ ସମ୍ପର୍କରେ ଅଧିକ ଖୋଳତାଡ଼ ପରେ ସେମାନେ ଠକେଇର ଶିକାର ହୋଇଥିବା ଜଣାପଡ଼ିଥିଲା। ତୁରନ୍ତ ସାଇବର ଥାନାକୁ ଜଣାଇବା ସହିତ ଏକ ବଡ଼ ଧରଣର ଠକେଇରୁ ବର୍ତ୍ତି ଯାଇଛନ୍ତି ଦମ୍ପତି। ଏବେ ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ଆରମ୍ଭ କରିଛି ଛାନଭିନ୍।

## କୋଟା ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

# ମିଲର୍ସ ଆଉ ସରକାର ମଧ୍ୟରେ ଅଛି ମଧୁଚନ୍ଦ୍ରିକା : ଅରୁଣ ସାହୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଦର୍ଶ ବିଦ୍ୟାଳୟରେ ବିଧାୟକ ସାଂସଦଙ୍କ କୋଟା ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବିଜେଡ଼ି ବିଧାୟକ ଅରୁଣ ସାହୁ । ବିଧାୟକ, ସାଂସଦ ଏବଂ ଜିଲ୍ଲାପାଳଙ୍କ ଥିବା ଦୁଇଟି ଲେଖାଏଁ କୋଟାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚିଠି ଲେଖି ଦାବି କରିଛନ୍ତି । କୋଟା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟ ସଂଗଠନ ବିଦ୍ୟାଳୟରେ ପାଠ ପଢାରୁ ବଞ୍ଚିତ ହେଉଛନ୍ତି । କୋଟା ପାଇଁ ବିଧାୟକ, ସାଂସଦଙ୍କ ପାଖକୁ ନିର୍ବାଚନ ମଣ୍ଡଳୀରୁ ଶହ ଶହ ଲୋକ ଆସୁଛନ୍ତି, ସେଥିପାଇଁ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦକ୍ଷ ପିଲାମାନେ ସୁଯୋଗ ପାଆନ୍ତୁ, ସେଥିପାଇଁ କୋଟାକୁ ବନ୍ଦ କରନ୍ତୁ ବୋଲି କହିଛନ୍ତି ବିଧାୟକ ଅରୁଣ ସାହୁ । ସେହିପରି ସମବାୟ ମନ୍ତ୍ରୀଙ୍କ ବୟାନକୁ କଡ଼ା କାଉଣ୍ଟର କରିଛି ବିଜେଡ଼ି । ଶାସକ ଦଳରେ ରହିଲେ ତାଙ୍କୁ ସବୁ ଠିକ୍ ଲାଗିବ ବୋଲି କହିଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ସାଧାରଣ ଲୋକେ ସରକାରକୁ ପ୍ରଶ୍ନ କରିବା ଆରମ୍ଭ କଲେଣି । ସାରା ଦେଶରେ ଏ ସ୍ଥିତି । ଯଦି ଏହାକୁ ସରକାର ଅନୁଭବ କରୁନାହାନ୍ତି ତାହାଲେ ସେମାନେ ଦୁର୍ଗତି ଆଡ଼କୁ ଯାଉଛନ୍ତି । ଚାରେ ପଡ଼ିବ କେତେ ଚିନି, ଚାଲ ଯିବା ଦିଲ୍ଲୀ । ଏହି ନ୍ୟାୟରେ ଚାଲିଛି ଡବଲ ଇଞ୍ଜିନ ସରକାର । ମିଲର୍ସ ଆଉ ସରକାର ମଧ୍ୟରେ ଅଛି ମଧୁଚନ୍ଦ୍ରିକା। ସମ୍ପୂର୍ଣ୍ଣ ଲୁଟି ସାରିଲେଣି । ଧାନ ଉଠୁନି । ସବୁଠି ଅସନ୍ତୋଷ । ଅସମ୍ଭବ ସରକାର । ବିରୋଧୀ ଦଳ ଟ୍ରମାରୁ ସରକାର ବାହାରି ପାରୁନାହାନ୍ତି । ଷ୍ଟୋରେଜ୍ ସମସ୍ୟା କାହିଁକି ଏ ସରକାରରେ ଦେଖା ଦେଉଛି। ପୂର୍ବ ସରକାରରେ ତ ଷ୍ଟୋରେଜ୍ ସମସ୍ୟା ନଥିଲା। ଚାଷୀ ଓ ଚାଷ ପାଇଁ ସରକାରଙ୍କ ମନବୃତ୍ତି ନାହିଁ । କେନ୍ଦ୍ର ସରକାର ଡବଲ ଇଞ୍ଜିନ ବିରୁଦ୍ଧରେ ପଦୁଟିଏ କହିପାରିବେ ନାହିଁ ବୋଲି ସେ କହିଛନ୍ତି ।

# ସବୁଜ ଅର୍ଥନୀତି ପାଇଁ 'କାଷ୍ଠ ରୂପାନ୍ତରଣ' ଓ 'ଶିଳ୍ପ ସହବନ୍ଧନ' ଉପରେ ଗୁରୁତ୍ୱ


**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତରେ ଜାଇକା ସହାୟତାପ୍ରାପ୍ତ ବନ ପ୍ରକଳ୍ପଗୁଡ଼ିକର ୧୪ତମ ଜାତୀୟ କର୍ମଶାଳାର ଦ୍ୱିତୀୟ ଦିବସ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଥିବା ଓଡ଼ିଶା ବନ ସଂରକ୍ଷଣ ପ୍ରକଳ୍ପ ଏବଂ ଜାପାନ ଇଣ୍ଟରନ୍ୟାସନାଲ କୋଅପରେସନ ଏଜେନ୍ସି (ଜାଇକା)ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଦିନର ମୁଖ୍ୟ ଆଲୋଚନା ଏକ ସ୍ଥାୟୀ ଓ ସବୁଜ କାଷ୍ଠ ଅର୍ଥନୀତି ଗଠନ ଉପରେ କେନ୍ଦ୍ରିତ ଥିଲା। ସ୍ଥାୟୀ କାଠ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଜଙ୍ଗଲ ପ୍ରମାଣୀକରଣକୁ ପ୍ରୋତ୍ସାହନ ଦେବା ଏବଂ କୃଷି-ବନୀକରଣ ମାଧ୍ୟମରେ ଦେଶ ତଥା ବିଦେଶର ଚାହିଦା ପୂରଣ କରିବା ପାଇଁ ବିଶେଷଜ୍ଞମାନେ ମତ ରଖିଥିଲେ। ଏହି ଅବସରରେ ଆୟୋଜିତ ଉଦଯାପନୀ ଅଧିବେଶନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ବିଭିନ୍ନ ରାଜ୍ୟ ଏବଂ ଜାଇକା ଭଳି ଆନ୍ତର୍ଜାତୀୟ ସଂସ୍ଥା ମଧ୍ୟରେ ସହଯୋଗ ଭାରତର ଜଙ୍ଗଲ କ୍ଷେତ୍ରକୁ ଜଳବାୟୁ ପରିବର୍ତ୍ତନର ସାମ୍ନା କରିବା ପାଇଁ ଅଧିକ ଶକ୍ତିଶାଳୀ କରିବ। ଶ୍ରୀ ଶର୍ମା ବନ ସୁରକ୍ଷା ସମିତି (ଭି. ଏସ୍.ଏସ୍) ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଓଡ଼ିଶାର ଜଙ୍ଗଲ ସୁରକ୍ଷା ସହ ଜନସାଧାରଣଙ୍କ ଜୀବିକା ଉନ୍ନତି ପାଇଁ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଜାଇକା ଇଣ୍ଡିଆର ବରିଷ୍ଠ ପ୍ରତିନିଧି ଶ୍ରୀ ୱାକାମାଟସୁ ଏଇଜିଙ୍କ ଉପସ୍ଥିତିରେ ବିଶେଷଜ୍ଞ ଶ୍ରୀ ସିଦ୍ଧାର୍ଥ ପରମେଶ୍ୱରନ୍ କର୍ମଶାଳାର ନିଷ୍କର୍ଷ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଜଳବାୟୁ ଅନୁକୂଳ ପରିବେଶ, କାଠର ରୂପାନ୍ତରଣ ଏବଂ ଡିଜିଟାଲ ଜ୍ଞାନକୌଶଳର ବ୍ୟବହାର ଆଗାମୀ ଦିନରେ ସହଯୋଗର ମୁଖ୍ୟ ଆଧାର ହେବ। ଜାପାନର ବିଶେଷଜ୍ଞ ଏବଂ ବେସରକାରୀ ସଂସ୍ଥାମାନଙ୍କ ସହ ମିଶି ନୂତନ ଜ୍ଞାନକୌଶଳର ପ୍ରୟୋଗ କରାଯିବ, ଯାହା ଉଭୟ ଦେଶ ପାଇଁ ଲାଭଦାୟକ ହେବ।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉତ୍କଳ କୃଷିମେଳା ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍କଳ କୃଷି ମେଳାର ଚତୁର୍ଥ ସଂସ୍କରଣ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁସମ୍ପଦ୍ ବିକାଶ ଏବଂ ଏମ୍‌ଏସ୍‌ଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ



ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପାରଳା ବିଧାୟକ ଇଂ ରୂପେଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ ତିରୁପତି ରାଓ, ବିଶ୍ୱ ବିଦ୍ୟାଳୟର ଭାଇସ ଚାନ୍ସଲର ପ୍ରଫେସର ଡକ୍ଟର ଅଜୟ କୁମାର ନାୟକ, ବିଶ୍ୱ ବିଦ୍ୟାଳୟର ଉପ ସଭାପତି ପ୍ରଫେସର ଡି ଏନ୍ ରାଓ, କୁଳପତି ପ୍ରଫେସର ଡକ୍ଟର ସୁପ୍ରିୟା ପଟ୍ଟନାୟକ ଏବଂ କୁଳସଚିବ ପ୍ରଫେସର ଡକ୍ଟର ଅନିତା ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଥିଲା। ବିଶ୍ୱବିଦ୍ୟାଳୟର ପ୍ରଫେସର (ଡ.) ଅଜୟ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶାର ତୃଣମୂଳ ସ୍ତରରେ କୃଷି ବିକାଶ ଏବଂ କୃଷକ ମାନଙ୍କ ଉନ୍ନତି ଉପରେ କେନ୍ଦ୍ରିତ ଥିଲା। ଦକ୍ଷତା ଆଧାରିତ କୃଷି ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ କୃଷି, ମତ୍ସ୍ୟ, ପଶୁପାଳନ କ୍ଷେତ୍ରର ଚାଷୀମାନଙ୍କ ନିକଟରେ ବିଭିନ୍ନ କୃଷି ପ୍ରଯୁକ୍ତି ବିଦ୍ୟା ପହଞ୍ଚାଇବାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକାକୁ ମନ୍ତ୍ରୀ ଭୂୟସି ପ୍ରଶଂସା କରିଥିଲେ। ତତ୍ ସହିତ କୃଷି ମେଳାରେ ଉପସ୍ଥିତ ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଲାଭାନ୍ୱିତ ହେବା ପାଇଁ ପ୍ରେରିତ କରିଥିଲେ। ପ୍ରଗତିଶୀଳ ଚାଷୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଷ୍ଠିତ ପ୍ରତିଷ୍ଠାନ, ଏନଜୀଓ, ଏଫପିଓ, ଛାତ୍ର ଛାତ୍ରୀ ଏବଂ ବିଭିନ୍ନ ସରକାରୀ ବିଭାଗର ଗବେଷକ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ କୃଷି ଏବଂ ଆନୁଷ୍ଠାନିକ ଉତ୍ସାହ ପ୍ରଦର୍ଶନ ପାଇଁ ୭୦ଟି ଷ୍ଟଲ ପଦର୍ଶିତ ହୋଇ ଥିଲା। ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର କୁଳସଚିବ ଡକ୍ଟର ଅନିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-BOBRN-REHAB-25-26-28

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ BOBRN ୱାଗନଗୁଡ଼ିକର ପୁନର୍ବାସ।

ବିଜ୍ଞାପିତ ମୂଲ୍ୟ : ₹ 30,50,22,156.00, EMD : ₹ 16,75,100/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.02.2026ରିଖ


ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.02.2026ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର

PR-1111/Q/25-26




## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୨/୦୨/୨୦୨୬
୩,୮୩,୮୩୫ ଟଙ୍କା
ସୁନା:-୦୨ ଗ୍ରାମ୍ ୫୦୦ ମିଲିଗ୍ରାମ୍
ରୂପା:-୫୬ ଗ୍ରାମ୍ ୫୦୦ ମିଲିଗ୍ରାମ୍

## ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ାଇ ଯୁବକ ଅଟକ

ପୁରୀ, ୧୨/୨ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନବାଚୀ । ପୁଣିଥରେ ଶ୍ରୀମନ୍ଦିର ଉପରେ ଉଡ଼ିଛି ଡ୍ରୋନ୍ । ଜଣେ ଅଣଓଡ଼ିଆ ଯୁବକ ଶ୍ରୀମନ୍ଦିର ଉପରେ ଉଡ଼ାଇଛନ୍ତି ଡ୍ରୋନ । ସିଂହଦ୍ୱାର ଥାନାରେ ଯୁବକ ଜଣକ ଅଟକ ରହିଛନ୍ତି । ତେବେ ଅଟକ ଯୁବକ ଜଣକ ହେଲେ କର୍ଣ୍ଣାଟକର ଅଭ୍ୟୁଦୟ ସିହ୍ନା ।

# ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯୋଜନା: ବିଭିନ୍ନ ଜିଲ୍ଲାରୁ ଆସିବେ ୫୦୦୦ ବୟସ୍କ ଓ ବିଧବା ଭକ୍ତ

ପୁରୀ,୧୨/୦୨ ନ୍ୟୁଜ ବ୍ୟୁରୋ

ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ସରକାର ପ୍ରଣୟନ କରିଛନ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯୋଜନା । ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବରଙ୍ଗପୁରଠାରୁ ଏହି ଯୋଜନାର ଶୁଭାରମ୍ଭ କରିବେ । ୫୦୦ ଶ୍ରଦ୍ଧାଳୁ ପୁରୀରେ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନ କରିବେ । ଶ୍ରଦ୍ଧାଳୁ ଯେପରି ଶ୍ରଦ୍ଧା ଓ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅଧକ୍ଷତା କରିଥିଲେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା । ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ସହ ଯେପରି ଏକ ସୁଖଦ ଅନୁଭବ ନେଇ ଯିବେ ସେଥିପାଇଁ ସମସ୍ତ ବିଭାଗ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହା ଏକ ଆଧ୍ୟାତ୍ମିକ ଓ ଧାର୍ମିକ ଯୋଜନା ଅନ୍ତର୍ଗତ ହୋଇ ଥିବାରୁ ସେବା ମନୋଭାବ ନେଇ ପ୍ରତ୍ୟେକ



କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ ଏହି ଯୋଜନା ସମ୍ପର୍କରେ ସୂଚନା ଦେଇ କହିଥିଲେ, ପ୍ରଥମ ପର୍ଯ୍ୟାୟରେ ୫ଟି ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ଆସିବେ, ଶୁକ୍ରବାର ସନ୍ଧ୍ୟାରେ ପ୍ରାୟ ୨୦୦ ଜଣ ଓ ଅବଶିଷ୍ଟ ୧୪ ତାରିଖ ସକାଳୁ ପହଞ୍ଚିବେ । ୬୦ରୁ ୭୫ ବର୍ଷ ବୟସ୍କ ବ୍ୟକ୍ତି ଓ ବିଧବା ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ । ସଂପୃକ୍ତ ଜିଲ୍ଲା ପ୍ରଶାସନ ସେମାନଙ୍କ ତାଲିକା ପ୍ରସ୍ତୁତ କରି ପୁରୀ ପ୍ରଶାସନକୁ ଦେବେ। ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦର୍ଶନର ବ୍ୟବସ୍ଥା କରାଇବେ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫ ହଜାର ଶ୍ରଦ୍ଧାଳୁ ଦର୍ଶନ କରିବେ ବୋଲି ସେ କହିଥିଲେ। ଶ୍ରଦ୍ଧାଳୁ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରହଣି ପାଇଁ ବୃନ୍ଦାବତୀ ନିବାସରେ ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା, ସହାୟତା ପାଇଁ ହେଲ୍ପ ଡେସ୍କର ବ୍ୟବସ୍ଥା, ଯାତାୟାତ ପାଇଁ ସ୍ଥାନୀୟ ପରିବହନ ବ୍ୟବସ୍ଥା, ଦର୍ଶନ ସୁବିଧା, ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ବ୍ୟବସ୍ଥା, ଗାଡ଼ି ପାର୍କିଂ ବ୍ୟବସ୍ଥା, ଫଟୋ ଭିଡିଓ ବ୍ୟବସ୍ଥା ଇତ୍ୟାଦି କରାଯିବ। ବିଭିନ୍ନ ଅଧିକାରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବ ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ, କମାଣ୍ଡାଣ୍ଟ ତାପସ କୁମାର ଦାସ, ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ କୌଶିକ ନାୟକ, ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ, ପର୍ଯ୍ୟଟନ ଉପସଚିବ ମନୋଜ କୁମାର ବେହେରା, ଡେପୁଟି ଉନ୍ନୟନ ପ୍ରଶାସକ ରଞ୍ଜନ କୁମାର ବେହେରା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବ ସଭାପତିଙ୍କ ନାମ ଘୋଷଣା କଲେ ନବୀନ

### ଅବିନାଶଙ୍କୁ କଳାହାଣ୍ଡିର ବଡ଼ ଦାୟିତ୍ୱ

ଭବାନୀପାଟଣା,୧୨।୨ ନ୍ୟୁଜ ବ୍ୟୁରୋ



ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବ ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ପାଇଁ ବିଜେଡି ଯୁବ ସଭାପତି ଭାବେ ଅବିନାଶ ଠାକୁରଙ୍କ ନାମ ଚୟନ କରିଛନ୍ତି। ଯାହାକୁ ନେଇ ଜିଲ୍ଲା ବିଜେଡି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହାପୂର୍ବରୁ ଅବିନାଶ ରାଜ୍ୟ ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ରହିଥିଲେ। ଆଗାମୀ ଦିନରେ ଦଳର ଯୁବ ସଂଗଠନକୁ ମଜଭୁତ କରିବା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରର ବିଭିନ୍ନ ଅବହେଳା ଓ ଦୁର୍ନୀତିକୁ ନେଇ ଲଢ଼େଇ କରାଯିବ ବୋଲି ସଭାପତି ଶ୍ରୀ ଠାକୁର ପ୍ରକାଶ କରିଛନ୍ତି।

### 'ଘୁସଖୋର ପଣ୍ଡିତ'ର ମେକର୍ସ ଓ ନେଟଫ୍ଲିକ୍ସକୁ ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା

# 'କୌଣସି ବର୍ଗର ଲୋକଙ୍କୁ ଅପମାନିତ କରିବା ଭୁଲ୍'

ନୂଆଦିଲ୍ଲୀ,୧୨।୨

ମନୋଜ ବାଜପେୟୀଙ୍କ ଅଭିନୀତ ଫିଲ୍ମ 'ଘୁସଖୋର ପଣ୍ଡିତ'ର ଟାଇଟଲକୁ ନେଇ ଜାରି ରହିଛି ବିବାଦ। ଗୁରୁବାରର ସୁପ୍ରିମକୋର୍ଟରେ ଏହାର ଶୁଣାଣି ହୋଇଥିଲା। ଏହି ଫିଲ୍ମକୁ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ଉପର ରୋକ ଲଗାଇବାର ଦାବି ହୋଇଛି। ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଏହି ଫିଲ୍ମ ପାଇଁ ସାମ୍ପ୍ରଦାୟିକ ସୌହାର୍ଦ୍ଦତା ଓ ସାମ୍ବିଧାନିକ ମୂଲ୍ୟ ବିପଦରେ ରହିଛି। ଏହା ବ୍ରାହ୍ମଣ ସମାଜକୁ ବଦନାମ କରୁଛି। ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଫିଲ୍ମ ମେକର୍ସ ନୀରଜ ପାଣ୍ଡେ ଓ ନେଟଫ୍ଲିକ୍ସକୁ କଡ଼ା ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏଭଳି ଟାଇଟଲ ବ୍ୟବହାର କରି ସମାଜର ଗୋଟିଏ ବର୍ଗକୁ ବଦନାମ କରିହେବନି। ଏଭଳି ନାଁ କେବଳ ପବ୍ଲିସିଟି ଷ୍ଟଣ୍ଟ ପାଇଁ ବଛାଯାଏ।

ଜଷ୍ଟିସ୍ ବିବି ନାଗରତ୍ନଙ୍କ ଖଣ୍ଡପୀଠ 'ଘୁସଖୋର ପଣ୍ଡିତ'ର ଫିଲ୍ମ ମେକରଙ୍କୁ କହିଛନ୍ତି, କୌଣସି ବର୍ଗକୁ ଅପମାନିତ କରିବା ଭୁଲ୍। ସମାଜରେ ପୂର୍ବରୁ ଅନେକ ଫାଟ ରହିଛି। ଏହାକୁ ଆହୁରି ବଢ଼ିବାକୁ ଦିଅନ୍ତୁ ନାହିଁ। କୋର୍ଟ ନୋଟିସ୍



ଜାରି କରିଛନ୍ତି ଓ କହିଛନ୍ତି, ଆପଣ ନାଁ ବଦଳିବା କଥା କହିଛନ୍ତି, ଆମକୁ କୁହନ୍ତୁ କ'ଣ ନାଁ ରଖିବାକୁ ଯାଉଛନ୍ତି ? ଏହା ବି କୁହନ୍ତୁ ଆପଣ କେଉଁ ଫିଲ୍ମରେ କେଉଁ ବର୍ଗ ବିଷୟରେ କୌଣସି ଆପତ୍ତିଜନକ କଥା ରଖିଛନ୍ତି କି ନାହିଁ। ଏହି ମାମଲାର ଆଗାମୀ ଶୁଣାଣି ୧୯ ଫେବୃୟାରୀରେ ହେବ।

ପୂର୍ବରୁ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ନେଟଫ୍ଲିକ୍ସର ଫିଲ୍ମ 'ଘୁସଖୋର୍ ପଣ୍ଡିତ'ର ରିଲିଜ୍ ଏବଂ ଷ୍ଟ୍ରିମିଂ ଉପରେ ରୋକ ଲଗାଇବା ପାଇଁ ଏକ ଆବେଦନର ଶୁଣାଣି କରିଥିଲେ। ଆବେଦନରେ ଯୁକ୍ତି ଦିଆଯାଇଥିଲା ଯେ ଫିଲ୍ମର ଶୀର୍ଷକ ଏବଂ ପ୍ରସ୍ତାବିତ ବିଷୟବସ୍ତୁ ମାନହାନିକାରକ ଏବଂ ସାମ୍ପ୍ରଦାୟିକ ଭାବରେ ଆପତ୍ତିଜନକ। ଶୁଣାଣି ସମୟରେ, ନେଟଫ୍ଲିକ୍ସ କୋର୍ଟକୁ ଜଣାଇଥିଲା ଯେ ନିର୍ମାତାମାନେ ଫିଲ୍ମର ନାମ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ। ପ୍ଲାଟଫର୍ମ ଖଣ୍ଡପୀଠକୁ ଆଶ୍ୱାସନା ଦେଇଥିଲା ଯେ ଶୀର୍ଷକ ପରିବର୍ତ୍ତନ କରାଯିବ। ଏହା ମଧ୍ୟ କହିଛି ଯେ ଫିଲ୍ମ ସହିତ ଜଡିତ ସମସ୍ତ ପ୍ରମୋସନାଲ ମ୍ୟାଟେରିଆଲ ପୂର୍ବରୁ ସୋସିଆଲ ମିଡିଆରୁ ହଟାଇ ଦିଆଯାଇଛି।

ସୁପ୍ରିମକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ବ୍ରାହ୍ମଣ ସମାଜ ଅଫ୍ ଇଣ୍ଡିଆର ଜାତୀୟ ସଂଗଠନ ସଚିବ ଅତୁଲ ମିଶ୍ରା ଦାୟର କରିଛନ୍ତି। ସେ ନେଟଫ୍ଲିକ୍ସରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ଉପରେ ରୋକ ଲଗାଇବାର ଦାବି କରିଛନ୍ତି। ଆବେଦନରେ କହିଛନ୍ତି, ଫିଲ୍ମର ଟାଇଟଲ ଓ କାହାଣୀ ଆରମ୍ଭରୁ ଆପତ୍ତିଜନକ ଓ ଅପମାନଜନକ ରହିଛି। ଯାହାକି ବ୍ରାହ୍ମଣ ସମାଜକୁ ବଦନାମ କରୁଛି। ଆବେଦନରେ ବିଶେଷ ଭାବରେ 'ପଣ୍ଡିତ'ଶବ୍ଦର ବ୍ୟବହାର ଉପରେ ଆପତ୍ତି ପ୍ରକାଶ କରାଯାଇଛି। ଯାହାକୁ ଜାତି ଓ ଧର୍ମ ସହ ଯୋଡି ପରିଚୟ ଦିଆଯାଉଛି। ଏହା ସହ 'ଘୁସଖୋର' ବା ଲାଞ୍ଚୁଆ ଭଳି ଶବ୍ଦ ଯୋଡା ଯାଇଛି। ଏହା ହିନ୍ଦୁ ପୂଜାରୀ ଏବଂ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରେ। ପିଟିସନରେ ଫିଲ୍ମର ମୁକ୍ତିଲାଭ ଏବଂ ଅନଲାଇନ୍ ଷ୍ଟ୍ରିମିଂ ଉପରେ ତୁରନ୍ତ ସ୍ଥଗିତ ରଖିବାକୁ ଦାବି କରାଯାଇଥିଲା।

# କିଟ୍‌ରେ ଆରମ୍ଭ ହେବ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଠ୍ୟକ୍ରମ




### ଦକ୍ଷିଣ ଏସିଆର ପ୍ରଥମ

ଭୁବନେଶ୍ୱର, ୧୨।୨ ନ୍ୟୁଜ ବ୍ୟୁରୋ

ଏସିଆର ଅସୁରକ୍ଷିତ ବୌଦ୍ଧ ଐତିହ୍ୟର ସୁରକ୍ଷା ଦିଗରେ କିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । ଏସିଆ ମହାଦେଶର ଗ୍ରାମାଞ୍ଚଳରେ ଥିବା ୯୦ ପ୍ରତିଶତରୁ ଅଧିକ ବୌଦ୍ଧ ଐତିହ୍ୟ ସ୍ଥଳ ଅସୁରକ୍ଷିତ ରହିଥିବା ବେଳେ ଏ ସଂପର୍କରେ ଭାରତ, ଚୀନ୍, କୋରିଆ ଓ ଜାପାନର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କିଟ୍ ଓ କିସ୍ ଏହି ସବୁ ଐତିହ୍ୟ ସ୍ଥଳର ସୁରକ୍ଷା କିପରି କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବ। ଇଣ୍ଡିଆନ୍ ଟ୍ରଷ୍ଟ ଫର ରୁରାଲ ହେରିଟେଜ୍ ଆଣ୍ଡ୍ ଡେଭେଲପମେଣ୍ଟ ଦ୍ୱାରା ଗ୍ରାମାଞ୍ଚଳରେ ଅସୁରକ୍ଷିତ ବୌଦ୍ଧ ଐତିହ୍ୟ ସ୍ଥଳର ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। କିସ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏହି ଏକାଡେମୀର ନେତୃତ୍ୱ ନେବେ। ପ୍ରଫେସର ଗାଲା କିଟ୍ ଲ' ସ୍କୁଲ ସହଯୋଗରେ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। କିଟ୍ ଲ' ସ୍କୁଲରେ ଏହି ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହା ଦକ୍ଷିଣ ଏସିଆରେ ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଉଛି। ପ୍ରଫେସର ଗାଲା ଗତ ବର୍ଷ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ଏକାଡେମୀ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହି ପ୍ରସ୍ତାବକୁ ଆଧାର କରି ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଏକ ପ୍ରତିନିଧି ଦଳ ଗତ ୭ ତାରିଖରେ ନୂଆଦିଲ୍ଲୀରେ ଏହି ଏକାଡେମୀର ଗଠନ, ପାଠ୍ୟକ୍ରମ ଓ ଦୀର୍ଘକାଳୀନ ରୋଡ୍‌ମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଗ୍ରାମୀଣ ପ୍ରେକ୍ଷାପଟ୍ଟରେ ଅସୁରକ୍ଷିତ ବୌଦ୍ଧ ସ୍ଥଳଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଆଇନଗତ ଢାଞ୍ଚା, ସ୍ଥାନୀୟ ଲୋକଙ୍କ ଭାଗୀଦାରି ଓ ନୈତିକ ପରିଚାଳନା ସମନ୍ୱିତ ମଡେଲର ଆବଶ୍ୟକତା ଉପରେ ପ୍ରଫେସର ଗାଲା ଗୁରୁତ୍ୱାରୋପ କରିଥିଲେ।

ଏହି ପ୍ରୟାସ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ସଂପ୍ରତି ୟୁନେସ୍କୋ ଏକ କ୍ରମିକ ନାମାଙ୍କନ ମାଧ୍ୟମରେ ରାଜ୍ୟର ପ୍ରସିଦ୍ଧ ବୌଦ୍ଧ ସ୍ୱର୍ଣ୍ଣ ତ୍ରିଭୁଜ - ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଭାରତର ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଯଦି ଏହାକୁ ପୂର୍ଣ୍ଣ ବିଶ୍ୱ ଐତିହ୍ୟ ମାନ୍ୟତା ମିଳେ, ତେବେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଏକାଡେମୀ ଏହି ଐତିହାସିକ ସ୍ଥଳଗୁଡ଼ିକୁ ପରିଚାଳନା, ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦେବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି।




ଭୁବନେଶ୍ୱର : ବିଭିନ୍ନ ଶ୍ରମିକ ସଂଗଠନ ଓ ବାମପନ୍ଥୀ ଦଳ ପକ୍ଷରୁ ଭାରତ ବନ୍ଦ ପାଳନ ଅବସରରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ ଓ ପେଟ୍ରୋଲ ପମ୍ପକୁ ବନ୍ଦ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ବର ଫସିଗଲା 'ବନ୍ଦ'ରେ, ହଙ୍ଗାମା ହୋଇଗଲା ଜୟଦେବ ବିହାରରେ

ଭୁବନେଶ୍ୱର ୧୨।୦୨ ନ୍ୟୁଜ ବ୍ୟୁରୋ

ବର ଫସିଗଲା 'ଭାରତ ବନ୍ଦ'ରେ। ହଙ୍ଗାମା ହୋଇଗଲା ଜୟଦେବ ବିହାରରେ । ଜଣେ ବର ବରଯାତ୍ରୀ ନେଇ ଯାଉଥିବା ବେଳେ ବନ୍ଦରେ ଫସିଯାଇଛନ୍ତି। ଯାହାଫଳରେ ଜୟଦେବ ବିହାରରେ କିଛି ସମୟ ପାଇଁ ଦେଖାଦେଇଥିଲା ଉତ୍ତେଜନା । ବାଲେଶ୍ୱର ସୋରରୁ ଖୋର୍ଦ୍ଧାକୁ ବିବାହ କରିବାକୁ ଆସିଥିଲେ ଅବଦୁଲ ଫାଇମ୍ ଖାନ୍। ହେଲେ ଜୟଦେବ ବିହାର ଛକରେ ବିକ୍ଷୋଭକାରୀ ଅଟକାଇଥିଲେ। ବେଶ୍ କିଛି ସମୟ ଯାଏଁ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ପରେ କିଛି ସମୟ ପରେ ବର ଓ



ବରଯାତ୍ରୀକୁ ଆନ୍ଦୋଳନକାରୀମାନେ ରାସ୍ତା ଛାଡ଼ିଥିଲେ । ତେବେ ଏହି ଉତ୍ତେଜନାକୁ ନେଇ ବର କହିଛନ୍ତି ଯେ, ବନ୍ଦ ସଂପର୍କରେ କୌଣସି କଥା ମୁଁ ଜାଣିନଥିଲି । ବିବାହ କରିବାକୁ ଆମେ ଖୋର୍ଦ୍ଧା ଯାଉଛୁ। ରାଜଧାନୀ ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ସମେତ ସାରା ରାଜ୍ୟରେ ବନ୍ଦ ପାଳନ କରାଯାଇଛି। ଗୁରୁବାର ସକାଳୁ କିଛି ଘଣ୍ଟା ଧରି ଭୁବନେଶ୍ୱର ଜୟଦେବ ବିହାରରେ ପ୍ରବଳ ହଙ୍ଗାମା କରିଥିଲେ ବିକ୍ଷୋଭକାରୀ। ଏନଏଚ୍ ୧୬କୁ ବନ୍ଦ କରି ବିକ୍ଷୋଭ କରିଥିଲେ। ବନ୍ଦ ଯୋଗୁଁ କିଛି କିଛି ସ୍ଥାନରେ ଗାଡ଼ି ଚଳାଚଳ ଉପରେ ପ୍ରଭାବ ଦେଖିବାକୁ ମିଳିଛି।

# କଣାସରେ ପାନୀୟ ଜଳକୁ ନେଇ ହାହାକାର ସ୍ଥିତି

ପୁରୀ/କଣାସ, ୧୨।୨ ନ୍ୟୁଜ ବ୍ୟୁରୋ

ପାଖେଇଆସୁଛି ଗ୍ରୀଷ୍ମ ଋତୁ। ଦିନ ୧୦ଟା ପରେ ଖରାକୁ ବାହାରିଲେ ମୁଣ୍ଡ ବୁଲାଇ ଦେଉଛି। ମୁନ୍ଦାଏ ସ୍ୱଚ୍ଛ ଜଳ ପିଇବାକୁ ଖୋଜିଲେ ମିଳୁନି । ନଦୀ ଜଳ ପ୍ରଦୂଷିତ ହୋଇପଡ଼ିଛି। କୂଅ, ପୋଖରୀ, ନଳକୂଅ ଝରର ମଧ୍ୟ ସମାନ ସ୍ଥିତି । ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଏବେଠୁ ପାନୀୟ ଜଳକୁ ନେଇ ଦେଖାଦେଇଛି ହାହାକାର । ଦୟା ଓ ରାଜୁଆରେ ଜଳସ୍ତର କମି ଗଲାଣି। ନଦୀ ଭିତରେ ବାଲିଚର ଫୁଟି ଦିଶୁଛି । ମଲାଗୁଣି, ଲୁଣା ଓ ଦୟାର ଛୋଟଛୋଟ ଶାଖା ନଦୀରେ କେଉଁଠି ପାଦେ ପାଣି ତ ଆଉ କେଉଠି ଆଣ୍ଠୁଏ। ଅନେକ ସ୍ଥାନରେ ନଦୀ ଶଯ୍ୟା ଶୁଖି ଯାଇଥିବାରୁ ଏହା ପିଲାମାନଙ୍କ ଖେଳ ପଡ଼ିଆ ପାଲଟିଛି । ଏଭଳି ସ୍ଥିତିରେ ପିଇବା ପାଣି ପାଇଁ ଲୋକେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ଏ ପର୍ଯ୍ୟନ୍ତ ସରକାରୀ ଯୋଜନା ମୁତାବକ ସମସ୍ତ ପରିବାରକୁ ପାଇପ୍ ପାନୀୟ ଜଳ ମିଳିପାରିଲା ନାହିଁ । ତେଣୁ ମାସ ପରେ ଆରମ୍ଭ ହେବାକୁ ଥିବା ଉକ୍ଟ ଗ୍ରୀଷ୍ମ ପ୍ରବାହ ବେଳେ ଲୋକେ କ'ଣ କରିବେ ସେନେଇ



ଭାଳେଣୀ ପଡ଼ିଛି । ରାଜୁଆର ଢୋଲପାଟଣା ବ୍ୟାରେଜ୍ ଓ ତିରୁମଲ ନିକଟ ପାଣ୍ଡିଆବିଲି ଦୟା ନଦୀ ଆଡ଼ିବନ୍ଧ ଯୋଗୁ ତଳିଆ ନଦୀ କୂଳିଆବାସୀଙ୍କ ଦୁର୍ଦ୍ଦଶା ବଢ଼ି ଯାଇଛି । ତଳମୁଣ୍ଡକୁ ପାଣି ଆସୁନଥିବାରୁ ନଦୀ ଶୁଖି ଗଲାଣି । କେନାଲ ପାଣି ନଆସିବାରୁ ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି । ସେପଟେ ଏପରି ସ୍ଥିତିରେ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ନଦୀ ଜଳସ୍ତର ଓ ଭୂତଳ ଜଳସ୍ତର ହ୍ରାସ ଆଶଙ୍କା ରହିଛି । ତେଣୁ ନଦୀ ପାଣି ଉପରେ ନିର୍ଭରଶୀଳ ୫ ହଜାର ହେକ୍ଟର ଜମିରେ ଚାଷ ପ୍ରଭାବିତ ହେବା ଆଶଙ୍କା କରାଯାଉଛି । ନଦୀ ପାଣି ଉପରେ ରବି ଧାନ, ମୁଗ, ଚିନାବାଦାମ ଓ ପନିପରିବା ଫସଲ ନିର୍ଭରଶୀଳ । ଏନେଇ କଣାସର ଚାଷୀ ରବୀନ୍ଦ୍ର କୁମାର ରାଉତରାୟ କହିଛନ୍ତି, ଜଳ ପ୍ରବାହ ସବୁଦିନିଆ ଜାରି ରଖିବା ନିମନ୍ତେ ଦୟା ମୁହଁରେ (ପାଣ୍ଡିଆବିଲି ନିକଟରେ) କାଜ ନିର୍ମାଣ ହେବା ଦରକାର। ଢୋଲପାଟଣା ବ୍ୟାରେଜ ବନ୍ଧ ମଧ୍ୟ ସାମାନୁପାତିକ ଉଚ୍ଚ ହେବା ଆବଶ୍ୟକ । ଏମିତି ହେଲେ ଅଧିକ ପାଣି କେନାଲ ସହ ଦୟା ଓ ରାଜୁଆକୁ ଗଡ଼ିବ। ଚାଷୀଙ୍କ ସୁବିଧା ନିମନ୍ତେ ରାଜୁଆ ଗେଟ୍ ଖୋଲି ପାଣି ଛାଡ଼ିବା ଆବଶ୍ୟକ। ବ୍ୟାରେଜର ବାମ ପାର୍ଶ୍ୱ କେନାଲରେ ପାଣି ଆସୁନଥିବାରୁ ଗଡ଼ବଡ଼ପୁଟ ଓ ପାଣ୍ଡିଆକେରା ପଞ୍ଚାୟତରେ ଚାଷ ପ୍ରଭାବିତ ହେଉଛି । ଜଳଯୋଗାଣ ଠିକ୍ ପରିଚାଳନା ନହେଲେ ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହେବ । ନଦୀ ଜଳକୁ ପ୍ରଦୂଷଣ ମୁକ୍ତ କରିବା ଜରୁରୀ। ତେଣୁ ତୁରନ୍ତ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବା ଆବଶ୍ୟକ ବୋଲି ସେ କହିଛନ୍ତି । ଜୀବନ ମହାନ୍ତି କହିଛନ୍ତି, କଣାସର ୨୮ ପଞ୍ଚାୟତ ସମେତ ବ୍ରହ୍ମଗିରି ୧୮ ଓ ସତ୍ୟବାଦୀର ୧୪ଟି ଗ୍ରାମକୁ ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ହେବ। ମେଗା ପ୍ରକଳ୍ପରୁ ପ୍ରତି ପରିବାରକୁ ଦୈନିକ ୭୦ ଲିଟର ପାଣି ଯୋଗାଣ ଲକ୍ଷ୍ୟ ରଖିଛି । କାର୍ଯ୍ୟ ବିଳମ୍ବ ଯୋଗୁ ଲୋକେ ପାଣି ପାଇପାରୁ ନାହାନ୍ତି। ଫଳରେ ପନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁନି । କଣାସ ଅଞ୍ଚଳରେ ଝାଡ଼ାବାନ୍ତି, ଜଣ୍ଡିସ, ଓ ଚର୍ମ ରୋଗ ବ୍ୟାପୁଛି। ଲୋକେ ରୋଗବ୍ୟାଧିରେ ପଡ଼ି ଜୀବନ ହରାଇବା ସହ ଚିକିତ୍ସାଜନିତ ଆର୍ଥିକ କଷ୍ଟ ପାଉଛନ୍ତି। ତେଣୁ ଲୋକଙ୍କ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେଉ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ମେଗା ପ୍ରକଳ୍ପରେ ଆମେ ୧୨୬ଟି ଗାଁକୁ ଜଳ ଯୋଗାଣ ଯୋଜନା ରହିଛି । ସେଥିରୁ ଏବେ ୨୭ଟି ଗ୍ରାମକୁ ସମ୍ପୂର୍ଣ୍ଣ ଜଳ ଯୋଗାଣ କାର୍ଯ୍ୟକ୍ଷମ ହୋଇଛି। ଆଉ ୭୦ଟି ଗାଁକୁ ଟ୍ରାଏଲ ଚାଲିଛି। ମାର୍ଚ୍ଚ ୩୧ ସୁଦ୍ଧା ୯୬ଟି ଗାଁରେ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖିଛି। ଜୁନ ୩୧ ସୁଦ୍ଧା ସବୁ ଗାଁ'କୁ ପାଣି ପହଞ୍ଚିବ। ଖରାଦିନ ପାଇଁ ବଡ଼ାସ, କଖାରୁବସ୍ତ ଆଦି ଜଳକ୍ଲିଷ୍ଟ ପଞ୍ଚାୟତକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ହେବ ।

# ପୂର୍ବ ଭାରତର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ନିବେଶ ଲକ୍ଷ୍ୟସ୍ଥଳ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି ଓଡ଼ିଶା

ଭୁବନେଶ୍ୱର,୧୨/୦୨ ନ୍ୟୁଜ ବ୍ୟୁରୋ

ଓଡ଼ିଶା ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀର ତୃତୀୟ ସଂସ୍କରଣ ଭୁବନେଶ୍ୱରରେ ସଫଳ ଭାବେ ଆୟୋଜିତ ହୋଇଛି । ଏହା ଓଡ଼ିଶାର ସ୍ୱଚ୍ଛ ଶକ୍ତି ନେତୃତ୍ୱକୁ ଆହୁରି ସୁଦୃଢ଼ କରିପାରିଛି। ଗ୍ରୀଡକୋ ଲିମିଟେଡ୍ ଓ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟର ନବୀକରଣୀୟ ଶକ୍ତି ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ନିର୍ଦ୍ଧାରକ, ନିବେଶକ, ଆର୍ଥିକ ପ୍ରତିଷ୍ଠାନ, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତି ବିଶେଷ ଏକତ୍ରିତ ହୋଇଛନ୍ତି । ଅନ୍ତର୍ଜାତୀୟ ସଂସ୍ଥା ନଲେଜ ପାର୍ଟନର ଭାବେ କାର୍ଯ୍ୟ କରୁଛି। ରାଜ୍ୟର ପ୍ରଥମ ପବନ ଚାଳିତ ୧୫୦ମିଟର ମାଷ୍ଟ ଏବଂ ଓଡ଼ିଶାର ୬ଟି ସହର ପାଇଁ ସିଟି ଆକ୍ସେଲିଟୋର କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ପ୍ରାୟ ୬୭୦୦୦ କୋଟି ଟଙ୍କାର ନିବେଶ ହୋଇଛି । ଏହି କନକ୍ଲେଭକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶର ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପ୍ରତିବଦ୍ଧ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ କ୍ଷମତା ବିଶିଷ୍ଟ ଅଣ-ଜୀବାଶ୍ମ ଶକ୍ତିସମ୍ପନ୍ନ ରାଷ୍ଟ୍ର ହେବାକୁ ଲକ୍ଷ୍ୟ




ରଖିଛି ଏବଂ ସମତାଳରେ ଓଡ଼ିଶା ଏଥିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଉଛି। ଉପକୂଳ ରାଜ୍ୟ ଭାବେ ଓଡ଼ିଶାରେ ସୌର ଏବଂ କ୍ଷୁଦ୍ର ଜଳବିଦ୍ୟୁତ ସହିତ ପବନ ଶକ୍ତି ବିକାଶ ପାଇଁ ବିଶେଷ ସମ୍ଭାବନା ରହିଛି । ନିୟାମକ କ୍ଷେତ୍ରରେ ଆମେ ଦୃଢ଼ ନୀତି ଓ ଅନୁକୂଳ ଅନୁମୋଦନ ପ୍ରକ୍ରିୟା ପ୍ରଦାନ କରୁଛୁ । ଏହି ଦୁଇ ଦିନିଆ ନିବେଶକ ସମ୍ମିଳନୀ ଓଡ଼ିଶାର ନବୀକରଣୀୟ ଶକ୍ତିର ଅଭିବୃଦ୍ଧିକୁ ସମର୍ଥନ କରିବା ସହ ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ, ଆମର ଉଦ୍ଦେଶ୍ୟ କେବଳ ନବୀକରଣୀୟ ଶକ୍ତିର କ୍ଷମତା ବୃଦ୍ଧି ନୁହେଁ ବରଂ ସିଷ୍ଟମର ଇଣ୍ଟିଗ୍ରେସନ । ନବୀକରଣ ସହିତ ପମ୍ପଡ୍ ଷ୍ଟୋରେଜ୍ ଏବଂ ବ୍ୟାଟେରୀ ସିଷ୍ଟମକୁ ଆଗକୁ ବଢ଼ାଇ ଆମେ ଗ୍ରୀଡ୍ ସ୍ଥିରତା ଏବଂ ଦୀର୍ଘକାଳୀନ ଶକ୍ତି ସୁରକ୍ଷା ସୁନିଶ୍ଚିତ କରୁଛୁ। ନବୀକରଣୀୟ ଶକ୍ତି ଗ୍ରହଣ କରିବା କେବଳ ପରିବେଶ ଓ ଜଳବାୟୁ ପାଇଁ ଜରୁରୀ ତାହା ନୁହେଁ - ଏହା ଏକ ଅର୍ଥନୈତିକ ଶକ୍ତି ମଧ୍ୟ । ଭାସମାନ ସୌର ଓ ପବନ କ୍ଷେତ୍ରରେ ଓଡ଼ିଶାରେ ଯଥେଷ୍ଟ ସମ୍ଭାବନା ଅଛି ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ମାଧ୍ୟମରେ ଏକ ପ୍ରମୁଖ ସଂରକ୍ଷଣ କେନ୍ଦ୍ର ହୋଇପାରିବ ବୋଲି ଏସଇସିଆଇର ପରିଚାଳନା ନିର୍ଦ୍ଦେଶକ ଆକାଶ ତ୍ରିପାଠୀ କହିଛନ୍ତି। ଆଇଫରେଷ୍ଟର ସିଇଓ ତଥା ସଭାପତି ଡକ୍ଟର ଚନ୍ଦ୍ର ଭୂଷଣ ଗୁରୁତ୍ୱାରୋପ କରିଛନ୍ତି ଯେ, ପୂର୍ବ ଭାରତରେ ଅବ୍ୟବହୃତ ନବୀକରଣୀୟ ଶକ୍ତିର ଅପାର ସମ୍ଭାବନା ରହିଛି। ଭାସ୍କର ଜ୍ୟୋତି ଶର୍ମା, ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ, ଓପିଟିସିଏଲ ମଧ୍ୟ କନକ୍ଲେଭରେ ଉପସ୍ଥିତ ଥିଲେ। କନକ୍ଲେଭରେ ଘରୋଇ କ୍ଷେତ୍ରର ଦୃଢ଼ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଡେଭଲପର ଓ ନିବେଶକମାନେ ଓଡ଼ିଶାର ସ୍ୱଚ୍ଛ ଶକ୍ତିରେ ନିବେଶ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଏହି କନକ୍ଲେଭରେ କ୍ଷୁଦ୍ର ଜଳବିଦ୍ୟୁତ ଉପରେ ପ୍ରଯୁକ୍ତିବିଦ୍ୟା ସମ୍ବଳିତ ନିର୍ଦ୍ଦିଷ୍ଟ ଅଧିବେଶନ ମଧ୍ୟ ଆୟୋଜନ ହୋଇଥିଲା ।